بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 34

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

20 ଅଗଷ୍ଟ 2020 | 20 ଜହୁର୍ 1399 ହି.ଶ | 29 ଜୁଲ୍‌ହଜାଃ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

فَکَیۡفَ اِذَا جِئۡنَا مِنۡ کُلِّ اُمَّۃٍۭ بِشَہِیۡدٍ

وَّجِئۡنَا بِکَ

عَلٰی ہٰۤؤُلَآءِ شَہِیۡدًا (النساء:42)

ଅନୁବାଦ- ଯେତେବେଳେ ଆମ୍ଭେ ପ୍ରତ୍ୟେକ ଗୋଷ୍ଠୀରୁ ଜଣେ ଲେଖାଁଏ ସାକ୍ଷୀ ଆଣିବୁ ଏବଂ ସେମାନଙ୍କ ବିରୁଦ୍ଧରେ ତୁମ୍ଭକୁ ସାକ୍ଷୀ ସ୍ୱରୁପ ଆଣିବୁ ସେତେବେଳେ ସେମାନଙ୍କର ଅବସ୍ଥା କଣ ହେବ ?

*(ନିସା: ୪୨)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଏଥିରେ ପରମେଶ୍ୱରଙ୍କର ଏ ଉଦ୍ଦେଶ୍ୟ ରହିଛି କି ତୁମେ ତାହାଙ୍କର ଉପାସନା କର ଓ ତାଙ୍କ ପାଇଁ ସର୍ମପିତ ହୋଇଯାଅ । ଏ ଦୁନିଆ ତୁମ ଆକାଂକ୍ଷାର କେନ୍ଦ୍ର ହୋଇ ନ ଯାଉ ।**

**ଅତଏବ୍ ପରମେଶ୍ୱର ଧର୍ମପରାୟଣ ବ୍ୟକ୍ତମାନଙ୍କର ଜୀବନର ଯତ୍ନ ନିଅନ୍ତି ଓ ତାହାର ଉନ୍ନତିକୁ ପସନ୍ଦ କରିଥାନ୍ତି । କିନ୍ତୁ ଯିଏ ତା ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିଥାଏ ତାକୁ ସେ ନର୍କରେ ନିକ୍ଷେପ କରିଥାନ୍ତି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମଣିଷ ଜନ୍ମର ଉଦ୍ଦେଶ୍ୟ ହେଉଛି ଉପାସନା କରିବା

ଅତଃ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଯେ ତୁମେମାନେ ଏକଥାକୁ ବୁଝି ନିଅ ଯେ ଏଥିରେ ପରମେଶ୍ୱରଙ୍କର ଏ ଉଦ୍ଦେଶ୍ୟ ରହିଛି କି ତୁମେ ତାହାଙ୍କର ଉପାସନା କର ଓ ତାଙ୍କ ପାଇଁ ସର୍ମପିତ ହୋଇଯାଅ । ଏ ଦୁନିଆ ତୁମ ଆକାଂକ୍ଷାର କେନ୍ଦ୍ର ହୋଇ ନ ଯାଉ । ମୁଁ ବାରମ୍ବାର ଏହି ଗୋଟିଏ କଥାକୁ ଦୋହରାଉଛି ଯେ ମୋ ମତରେ ଏହି କଥାକୁ ଚିରତାର୍ଥ କରିବା ପାଇଁ ମଣିଷ ଜନ୍ମ ହୋଇଛି । କିନ୍ତୁ ଏଥିରୁ ସେ ଦୂରେଇ ରହିଛି । ମୁଁ ଏକଥା କହୁନାହିଁ କି ତୁମେମାନେ ତୁମର ସାଂସାରୀକ ବ୍ୟବସାୟକୁ ତ୍ୟାଗ କରିଦିଅ ଅବା ସ୍ତ୍ରୀ ଓ ପିଲାମାନଙ୍କୁ ଛାଡ଼ି କୌଣସି ଜଙ୍ଗଲ ବା ପର୍ବତରେ ଯାଇ ରୁହ । ଇସ୍‌ଲାମ୍ ଏକଥାକୁ ପସନ୍ଦ କରେନାହିଁ ନା ସନ୍ୟାସୀ ହେବା ପାଇଁ ଇସ୍‌ଲାମ୍ ପବର୍ତାଇଥାଏ । ଇସ୍‌ଲାମ୍ ତ ମଣିଷକୁ ସକ୍ରିୟ, ପରିଶ୍ରମୀ ଓ ସକ୍ଷମ କରିବାକୁ ଚାହେଁ । ତେଣୁ ମୁଁ ତ ଏହା କହୁଅଛି ଯେ ତୁମେ ନିଜର ବ୍ୟବସାୟକୁ ପରିଶ୍ରମ କରି ସମ୍ପାଦନ କରିବା ଉଚିତ । ହଦିସ୍‌ରେ ବର୍ଣ୍ଣିତ ରହିଛି ଯେ ଯାହା ନିକଟରେ କ୍ଷେତ ଅଛି କିନ୍ତୁ ସେ ତାକୁ କୃଷି ପାଇଁ ବ୍ୟବହାର କରୁନାହିଁ । ଈଶ୍ୱରଙ୍କ ଦୃଷ୍ଟିରେ ତା' ହେଲେ ସେ ଉତରଦାୟୀ ହେବ । ଅତଏବ୍ ଯଦି କିଏ ଏଥିରୁ ଏକଥା ବୁଝୁଛି ଯେ ସାଂସାରିକ କାର୍ଯ୍ୟରୁ ନିଜକୁ ଅଲଗା କରିନେବା ଉଚିତ ବୋଲି, ତେବେ ସେ ଭୁଲ୍ ବୁଝିଛି । ନୁହେଁ । ଅସଲ କଥା ହେଉଛି ଏହା କି ତୁମେ ଯେଉଁ କାରବାର କରୁଅଛ, ସେଥିରେ ଏକଥା ଦେଖିନିଅ ଯେ ଈଶ୍ୱରଙ୍କ ଇଚ୍ଛା ତାହାର ଉଦ୍ଦେଶ୍ୟ ହେଉ ଏବଂ ତାହାଙ୍କ ଇଚ୍ଛାରୁ ବହିର୍ଭୁତ ହୋଇ ନିଜର ଇଚ୍ଛା ଓ ଭାବନାକୁ ପ୍ରାଧାନ୍ୟ ଦିଆନଯାଉ ।

ସୁତରାଂ ଯଦି ମଣିଷ ଜୀବନର ଉଦ୍ଦେଶ୍ୟ ଏହା ହୋଇଯାଏ କି ସେ କେବଳ ଆରାମ୍‌ରେ ଜୀବନଯାପନ କରିବ ଓ ତା'ର ସମସ୍ତ ସଫଳତାର ରହସ୍ୟ ଯଦି ଖାଇବା, ପିଇବା, ପୋଷାକ ଓ ଶୋଇବା ଛଡ଼ା ଆଉ କିଛି ନୁହେଁ ଏବଂ ଈଶ୍ୱରଙ୍କ ପାଇଁ ତା ହୃଦୟରେ ଯଦି ଟିକିଏ ସ୍ଥାନ ନାହିଁ ତେବେ ମନେରଖ ଏପରି ବ୍ୟକ୍ତି ଈଶ୍ୱରଙ୍କ ପ୍ରକୃତିଠାରୁ ଦୁରେଇ ଯାଇଛି । ଫଳସ୍ୱରୁପ ସେ ଧିରେ ଧିରେ ନିଜର ଶକ୍ତିକୁ ନଷ୍ଟ କରିଦେବ । ଏହା ସ୍ପଷ୍ଟ ସତ୍ୟ ଯେ ଯେତେବେଳେ ଆମେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କୌଣସି ଏକ ଜିନିଷକୁ ହାସଲ କରିଥାଉ, କିନ୍ତୁ ଯଦି ତାହା ସେହି ଉଦ୍ଦେଶ୍ୟକୁ ପୂରଣ ନ କରିଥାଏ, ତେବେ ଆମେ ତାକୁ ଅଦରକାରୀ ଜିନିଷ ରୂପେ ବିବେଚନା କରିଥାଉ । ଉଦାହରଣ ସ୍ୱରୁପ ଯଦି ଗୋଟିଏ କାଠ ଖଣ୍ଡକୁ ଚଉକି କିମ୍ବା ଟେବୁଲ୍ ତିଆରି କରିବାପାଇଁ ଆମେ ନେଇଥାଉ, ଯଦି ତାହା ସେହି କାର୍ଯ୍ୟ ନିମନ୍ତେ ବ୍ୟବହାର ଯୋଗ୍ୟ ହୋଇନଥାଏ, ତେବେ ଆମେ ତାକୁ ଜାଳେଣି କାଠ ଭାବରେ ବ୍ୟବହୃତ କରିଥାଉ । ସେହିଭଳି ମଣିଷ ଜୀବନର ଅସଲ ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କ ଉପାସନା କରିବା କିନ୍ତୁ ଯଦି ସେ ନିଜର ପ୍ରକୃତିକୁ ବାହ୍ୟ ଆସବାବ ଓ ବାହ୍ୟ ସମ୍ପର୍କ ଦ୍ୱାରା ପରିବର୍ତନ କରି ଏହାକୁ ଅଦରକାରୀ ଓ ବେକାର କରିଦିଏ ତେବେ ଈଶ୍ୱର ତା ପ୍ରତି ଧ୍ୟାନ ଦିଅନ୍ତିନାହିଁ । ଏମିତି ଲୋକମାନଙ୍କ ସକାଶେ ଏହି ଆୟତରେ ଦର୍ଶାଯାଇଅଛି । **କୁଲ୍ ମା ୟାବଉବିକୁମ୍ ରବ୍‌ବି ଲୌ ଲା ଦୁଆଉକୁମ୍** (ଅଲ୍‌ଫୁର୍‌କାନ୍:୭୮) ଅର୍ଥାତ: (ହେ ରସୁଲ ! ତୁମ୍ଭେ ସେମାନଙ୍କୁ) କୁହ, ''ଯଦି ତୁମେମାନେ ପ୍ରାର୍ଥନା (ଓ କ୍ଷମାଭିକ୍ଷା) ନ କର, ତେବେ ଆମ୍ଭର ପାଳନକର୍ତା ତୁମମାନଙ୍କୁ ଖାତିର କରନ୍ତି ନାହିଁ । ମୁଁ ପୂର୍ବରୁ ଏକ ଅବସରରେ କହିଥିଲି ଯେ ମୁଁ ଗୋଟିଏ ସ୍ୱପ୍ନ ଦେଖିଲି ଯେ ମୁଁ ଗୋଟିଏ ଜଙ୍ଗଲରେ ଛିଡ଼ା ହୋଇଛି । ତା'ର ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ଏକ ବଡ଼ ନାଳ ବହିଯାଇଛି । ସେହି ନାଳର ଦୁଇ କଡ଼ରେ ମେଣ୍ଢାଗୁଡ଼ିକୁ ଶୁଆଇ ଦିଆଯାଇଅଛି । ପ୍ରତ୍ୟେକ ମେଣ୍ଢା ନିମନ୍ତେ ଜଣେ ଜଣେ କଂସେଇ ନିଯୁକ୍ତ ହୋଇଛନ୍ତି ଓ ତାଙ୍କ ହାତରେ ଛୁରୀ ଅଛି ଯାହାକୁ ସେମାନେ ସେହି ମେଣ୍ଢାମାନଙ୍କ ବେକରେ ଲଗାଇ ରଖିଛନ୍ତି ଓ ଆକାଶ ଆଡ଼କୁ ଚାହିଁ ରହିଛନ୍ତି । ମୁଁ ସେମାନଙ୍କ ନିକଟରେ ବୁଲୁଥିଲି । ମୁଁ ଏହି ଦୃଶ୍ୟକୁ ଦେଖି ବୁଝିନେଲି ଯେ ଏମାନେ ଆକାଶୀୟ ନିର୍ଦ୍ଦେଶର ଅପେକ୍ଷାରେ ରହିଛନ୍ତି । ତେଣୁ ମୁଁ ଏହି ଆୟତଟିକୁ ପାଠ କଲି **କୁଲ୍ ମା ୟାବଉବିକୁମ୍ ରବ୍‌ବି ଲୌ ଲା ଦୁଆଉକୁମ୍** ସେମାନେ ମୋ କଥା ଶୁଣିବା କ୍ଷଣି ଛୁରୀ ଚଳାଇ କହିଲେ 'ତୁମେ କଣ ? ମଳ ଭକ୍ଷଣକାରୀ ମେଣ୍ଢା ।

ଅତଏବ୍ ପରମେଶ୍ୱର ଧର୍ମପରାୟଣ ବ୍ୟକ୍ତମାନଙ୍କର ଜୀବନର ଯତ୍ନ ନିଅନ୍ତି ଓ ତାହାର ଉନ୍ନତିକୁ ପସନ୍ଦ କରିଥାନ୍ତି । କିନ୍ତୁ ଯିଏ ତା ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିଥାଏ ତାକୁ ସେ ନର୍କରେ ନିକ୍ଷେପ କରିଥାନ୍ତି । ସେଥିଯୋଗୁଁ ପ୍ରତ୍ୟେକଙ୍କ ପାଇଁ ଏହା ଆବଶ୍ୟକ ଯେ ସେ ନିଜ ଆତ୍ମାକୁ ଶଇତାନ୍‌ର ଦାସତ୍ୱରୁ ମୁକ୍ତ କରୁ ଯେଉଁଭଳି କ୍ଲୋରଫର୍ମ ନିଦକୁ ଟାଣି ଆଣିଥାଏ ସେହିଭଳି ଶଇତାନ୍ ମଣିଷକୁ ନଷ୍ଟ କରିଦିଏ ଓ ତାକୁ ଅବହେଳାର ନିଦ୍ରାବସ୍ଥାରେ ଶୁଆଇ ଦେଇଥାଏ । ଏହିପରି ଅବସ୍ଥାରେ ଶଇତାନ୍ ମଣିଷକୁ ନିଶେଷ କରିଦିଏ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୭୦-୧୭୧ ପ୍ରକାଶନ୨୦୧୮ କାଦିୟାନ)*

## ଅଜାନ୍‌ର ଗୁରୁତ୍ୱ ଓ ବୈଶିଷ୍ଟ୍ୟ

✲ ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି ରଜିୟଲ୍ଲାହୁ ଅନ୍‌ହୁ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ଯେବେ ତୁମେ ଅଜାନ୍‌ର ଶବ୍ଦକୁ ଶୁଣିବାକୁ ପାଅ ସେତେବେଳେ ମୁଅଜ୍ଜନ୍ (ଅର୍ଥାତ ଅଜାନ୍ ଦେଉଥିବା ବ୍ୟକ୍ତି କହୁଥିବା ବାକ୍ୟଗୁଡ଼ିକୁ ଦୋହରାଅ ।

✲ ହଜ୍‌ରତ୍ ଜାବି୍‌ର ବିନ୍ ଅବ୍‌ଦୁଲ୍ଲାହ୍ ରଜିୟଲ୍ଲାହ୍ ରଜିୟଲ୍ଲାହୁ ଅନ୍‌ହୁଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ଯେଉଁ ବ୍ୟକ୍ତି ଅଜାନ୍ ଶୁଣୁଥିବା ସମୟରେ ଏହି ଦୁଆଟିକୁ ପାଠ କରିଥାଏ ଅର୍ଥାତ:- **ଅଲ୍ଲାହୁମ୍ମା ରବ୍‌ବା ହାଜିହିଦ୍ ଦାଓ୍ୱତିତ୍ ତାମ୍ମତି ଓ୍ୱସ୍ ସଲାତିଲ୍ କାଇମାଃ ଆତି ମୁହମ୍ମଦଲ୍ ଓ୍ୱସିଲତା ଓ୍ୱଲ୍‌ଫଜିଲତା ଓ୍ୱବ୍‌ଅସ୍‌ହୁ ମକାମମ୍ ମହ୍‌ମୁଦଲ୍ ଲଜ୍ଜି ଓ୍ୱଅତ୍‌ତହୁ ।** ତା ପାଇଁ କୟାମତ ଦିନ ମୋର ସୁପାରିଶ୍ ଧାର୍ଯ୍ୟ ହୋଇଯିବ ।

✲ ହଜ୍‌ରତ୍ ଅବୁ ହୁରୈରାଃ ରଜିୟଲ୍ଲାହୁ ଅନ୍‌ହୁଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ:- ଯଦି ଲୋକମାନେ ଏକଥା ଜାଣିନିଅନ୍ତି ଯେ ଅଜାନ୍ ଦେବାରେ ଓ ନମାଜର ପ୍ରଥମ ଧାଡ଼ିରେ ଛିଡ଼ା ହେବାର କଣ ସବୁ (ପୂଣ୍ୟ) ରହିଛି ତେବେ ଗୋଳାପକାଇବାକୁ ପଛାଇବେ ନାହିଁ । ସେହିପରି ଯଦି ସେମାନେ ଏହା ଜାଣିନିଅନ୍ତି ଯେ ଜୋହର୍ ନମାଜକୁ ପ୍ରାରମ୍ଭିକ ସମୟରେ ପଢ଼ିବାରେ କି ପ୍ରକାରର (ପୂଣ୍ୟ) ରହିଛି, ତେବେ ସେମାନେ ସେଥି ସକାଶେ ଧାଇଁଯାଆନ୍ତେ ଏବଂ ଯଦି ସେମାନେ ଏକଥା ଜାଣିନିଅନ୍ତେ ଯେ ଇଶା ଓ ଫଜର୍ ନମାଜ୍ ପାଠ କଲେ କଣ ସବୁ (ପୂଣ୍ୟ) ରହିଛି ତେବେ ସେମାନେ ଚାଲିଆସନ୍ତେ, ଯଦି ତାଙ୍କୁ ଘୁସୁରି ଘୁସୁରି ଆସିବାକୁ ପଡ଼େ ମଧ୍ୟ ସେ ଆସନ୍ତେ । *(ସହି ବୁଖାରୀ, କିତାବୁଲ୍ ଅଜାନ୍, ପ୍ରକାଶନ ୨୦୦୬, କାଦିଆନ୍)*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ସେମାନେ ତାଙ୍କ ଘରକୁ ଅବାଧରେ ଆସୁଥିଲେ ଏବଂ ରୋଷେଇଶାଳାରେ ବସି ତାଙ୍କ ସହିତ କଥାବାର୍ତା ହେଉଥିଲେ । ତାହା ଏପରି ଅନୁଭବ ହେଉଥିଲା ଯେପରି ସେମାନେ ଗୋଟିଏ ପରିବାରର ସଦସ୍ୟ ।

ସେହିପରି ତାଙ୍କର ବଡ଼ଝିଅ ନଇମା ଶବିର୍ ସାହିବା କୁହନ୍ତି ଯେ, ଅତ୍ୟନ୍ତ ମମତାମୟୀ ଓ ସ୍ନେହମୟୀ ମାତା ଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟ ପ୍ରଦର୍ଶନ କରୁଥିଲେ, ନିଜ ଆତ୍ମା ଉପରେ ଅତ୍ୟାଚାର କରି ଅନ୍ୟମାନଙ୍କର ସ୍ୱାର୍ଥ ଓ ସୁବିଧା ସୁଯୋଗକୁ ଗୁରୁତ୍ୱ ଦେଉଥିଲେ । ସେ ଆମମାନଙ୍କ ହୃଦୟରେ ଖିଲାଫତ୍‌ର ପ୍ରେମ ଜାତ କରିଦେଇଛନ୍ତି । ସେ ଆମମାନଙ୍କୁ ନିୟମିତ ରୂପେ ଖଲିଫାଙ୍କ ନିକଟକୁ ପତ୍ର ଲେଖିବାକୁ ପ୍ରୋତ୍ସାହିତ କରୁଥିଲେ । ନିଜ ସନ୍ତାନମାନଙ୍କ ସପକ୍ଷରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପ୍ରାର୍ଥନା ସ୍ୱୀକାର ହେବାକୁ ସେ ଅଲ୍ଲାଃ ତାଲାଙ୍କ ନିକଟରେ ଗୁହାରୀ କରୁଥିଲେ ଏବଂ ଗରୀବ ଓ ଅନାଥମାନଙ୍କର ବହୁତ ଯତ୍ନ ନେଉଥିଲେ । ସେ ନିୟମିତ ରୂପେ ଚାନ୍ଦା ଓ ଦାନଦକ୍ଷିଣା କରୁଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ଅତ୍ୟନ୍ତ ଆଦର ଓ ଦୟାପରବଶ ହୋଇ ତାଙ୍କର ନିକାହ୍ ସେଖ୍ ମୁବାରକ୍ ଅହେମଦ୍ ସାହେବଙ୍କ ସହିତ କରାଇଥିଲେ । ତାଙ୍କ ସ୍ୱାମୀ ସେଖ୍ ମୁବାରକ୍ ଅହେମଦ ସାହେବଙ୍କର ପ୍ରଥମ ସ୍ତ୍ରୀଙ୍କ ବିୟୋଗ ଘଟିଥିଲା ଏବଂ ସଫିୟା ବେଗମ୍ ସାହେବାଙ୍କର ମଧ୍ୟ ପ୍ରଥମ ସ୍ୱାମୀଙ୍କର ବିୟୋଗ ଘଟିଥିଲା । ନିର୍ବନ୍ଧ ବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ସେଖ୍ ସାହେବଙ୍କୁ କହିଲେ ଯମାତ୍‌ର କୌଣସି କାର୍ଯ୍ୟ ଉପରେ ପ୍ରସନ୍ନିତ ହୋଇ ମୁଁ ତୁମକୁ ଏକ ପୁରସ୍କାର ପ୍ରଦାନ କରୁଅଛି ଅତଏବ ସେଖ୍ ସାହେବ୍ ଉକ୍ତ ପୁରସ୍କାରକୁ ଅର୍ଥାତ ସଫିୟା ବେଗମ ସାହିବାଙ୍କର ମହତ୍ୱକୁ ମଧ୍ୟ ଉପଲବ୍ଧ କରିଥିଲେ ଏବଂ ତାଙ୍କ ପ୍ରଥମ ସ୍ୱାମୀଙ୍କର ଯିଏକି ଯୁବାବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲେ, ତାଙ୍କଠାରୁ ଜାତ ସନ୍ତାନଙ୍କର ମଧ୍ୟ ସେ ଅର୍ଥାତ ମୁବାରକ୍ ସାହେବ ଯତ୍ନ ନେଇଥିଲେ । ତାଙ୍କର ଜୈଷ୍ଠପୁତ୍ର ସମିମ୍ ଅହେମଦ୍ ସାହେବ୍ ସ୍କୁଲ୍ ଓ କଲେଜ୍‌ରେ ମୋର ସହପାଠୀ ଥିଲେ । ଅର୍ଥାତ ହଜୁରଙ୍କର ସେ ସହପାଠୀ ଥିଲେ ମୁଁ ମଧ୍ୟ ଏହା ଅନୁଧ୍ୟାନ କରିଛି ଯେ ସେଖ୍ ସାହେବ ସେମାନଙ୍କର ଖୁବ୍ ଯତ୍ନ ନେଇଥିଲେ ଏବଂ ସେମାନଙ୍କର କର୍ତବ୍ୟ ସମ୍ପାଦନ କରିଥିଲେ । ସଫିୟା ବେଗମ୍ ସାହିବା କର୍ମ ଭୁମିରେ ମଧ୍ୟ ସେଖ୍ ସାହେବଙ୍କର ଏଭଳି ସହଯୋଗ କରିଥିଲେ ଯାହାକି ଜଣେ ୱ୍କଫେ ଜିନ୍ଦେଗୀଙ୍କ ପତ୍ନୀଙ୍କ ପକ୍ଷରେ କରିବା ତାହାର କର୍ତବ୍ୟ ଏବଂ ତାହା ପାଇଁ ତାହା ବିଧେୟ । ଯାହାକି ଖୁବ୍ କମ୍ ମୁବ୍‌ଲିଗ୍‌ମାନଙ୍କ ପତ୍ନୀମାନଙ୍କଠାରେ ଦେଖିବାକୁ ମିଳିଥାଏ । ସେ ନିଃସ୍ୱାର୍ଥପର ହୋଇ ଅତିଥି ସତ୍କାର କରୁଥିଲେ ଏବଂ କେବେ କୌଣସି ଅଭିଯୋଗ ଓ ଅଭିମାନ କରିନଥିଲେ ଏବଂ ସେହିପରି ସେ ଯମାତ୍‌ର ସଦସ୍ୟଙ୍କ ପାଇଁ ବହୁତ ଦୁଆ ମଧ୍ୟ କରୁଥିଲେ । ସେଖ୍ ସାହେବଙ୍କର ଅଧିନରେ ଯେଉଁ ମୁବ୍‌ଲିଗ୍ ଓ ମୁଅଲ୍ଲିମ୍‌ମାନେ ରହିଥିଲେ ତାଙ୍କ ପରିବାର ପ୍ରତି ସଫିୟା ବେଗମ୍ ସାହିବା ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ । ମୁଁ ଖଲିଫା ହେବାପରେ ତାଙ୍କ ସହିତ ମୋର ଘନିଷ୍ଠତା ବଢ଼ିଯାଇଥିଲା । ମୁଁ ଏହା ଅବଲୋକନ କଲି ଯେ, ସେ ଖଲିଫାଙ୍କ ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଅର୍ପଣ କରିଦେଇଥିଲେ ଏବଂ ଏଭଳି ଉତ୍ସର୍ଗୀ ବ୍ୟକ୍ତି ଖୁବ୍ କମ୍ ଦେଖିବାକୁ ମିଳିଥାନ୍ତି । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ସର୍ବଦା ଖିଲାଫତ୍ ଓ ଯମାତ୍ ସହିତ ସଂଶ୍ଲିଷ୍ଟ କରନ୍ତୁ । ଆମିନ୍.....

ତୃତୀୟ ଯନାଜାଃ ହେଉଛି ୱ୍କଫେ ଜଦିଦ୍‌ର ଅବସରପ୍ରାପ୍ତ ମୁଅଲ୍ଲିମ୍ ସ୍ୱର୍ଗତ ଅଲୀ ଅହେମଦ୍ ସାହେବଙ୍କର ଜୁନ୍ ମାସ ୧୮ ତାରିଖ ଦିନ ୮୬ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ* ତାଙ୍କର ପିତା ହଜ୍‌ରତ୍ ମିଆଁ ଅଲ୍ଲାଦାତା ସାହେବ୍, ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ସାହାବି ଥିଲେ । ଯିଏକି ୧୯୦୩ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ଝେଲମ୍ ଯାତ୍ରା ଅବସରରେ ସ୍ୱଗ୍ରାମରୁ ଦଶ ବାର ମାଇଲ ଦୁରତା ପଦଯାତ୍ରା କରି ହଜୁର ସ:ଆ:ସଙ୍କ ହାତରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ ଯାହା ହେଉ ନା କାହିଁକି ୧୯୬୫ ମସିହାରେ ସେ ନିଜକୁ ୱ୍କଫ କରିଥିଲେ । ୧୯୬୭ ରୁ ୨୦୦୮ ମସିହା ପର୍ଯ୍ୟନ୍ତ ପ୍ରାୟ ୪୧ ବର୍ଷ ଧରି ସିନ୍ଧ ଓ ପଞ୍ଜାବର ବିଭିନ୍ନ ଯମାତ୍‌ରେ ସେ ସେବା ସମ୍ପାଦନ କରିଥିଲେ । ସେ ଶତାଧିକ ବାଳକବାଳିକା ଓ ପୁରୁଷ ମହିଳାଙ୍କୁ କୁରଆନ୍ ଶିକ୍ଷା ଦେଇଥିଲେ । ତାଙ୍କରି ପ୍ରଚାର ପ୍ରୟାସ ଯୋଗୁଁ ଅନେକ ପବିତ୍ର ଆତ୍ମାଙ୍କୁ ଯମାତ୍ ଅହେମଦୀୟାରେ ସାମିଲ ହେବାକୁ ସୌଭାଗ୍ୟ ଲାଭ ହୋଇଥିଲା ।

ସ୍ୱର୍ଗତ ଅଲୀ ସାହେବ ମୁସି ଥିଲେ । ମୃତକଙ୍କ ପରିବାର ମଧ୍ୟରେ ତାଙ୍କର ପତ୍ନୀ ବ୍ୟତିତ ଦୁଇଜଣ ପୁତ୍ରୀ ଓ ତିନିଜଣ ପୁତ୍ର ରହିଛନ୍ତି । ଅବ୍‌ଦୁଲ୍ ହାଦି ତାରିକ୍ ନାମକ ତାଙ୍କର ଜଣେ ପୁତ୍ର ଘାନାରେ ମୁବ୍‌ଲିଗ୍ ସିଲ୍‌ସିଲା ଅଛନ୍ତି ଏବଂ ସେଠାରେ ଦୀର୍ଘ ସାତ ବର୍ଷ ହେବ ଇଂଟରନ୍ୟାସନାଲ୍ ଯାମିୟା ଅହେମଦୀୟାରେ ଶିକ୍ଷକତା କରିଛନ୍ତି । ବର୍ତମାନ ପରିସ୍ଥିତିରେ ସେ ତାଙ୍କ ବାପାଙ୍କ ଯନାଜାଃରେ ସାମିଲ ହୋଇପାରିଲେ ନାହିଁ । ସେହିପରି ତାଙ୍କର ଦୁଇଜଣ ପୁତୁରା ମଧ୍ୟ ମୁବଲ୍ଲିଗ୍ ସିଲ୍‌ସିଲା ଅଛନ୍ତି । ତାଙ୍କର ତିନିଜଣ ନାତୀ କୁରାନ୍ କରିମ୍ କଣ୍ଠସ୍ଥ କରିନେଇଛନ୍ତି ।

ମଗ୍‌ଫୁର୍ ଅହେମଦ୍ ମୁନୀର ସାହେବ ଯିଏ କି ଆମର ଜଣେ ନୈଷ୍ଠିକ ୱ୍କଫେ ଜିନ୍ଦେଗୀ ଓ ମୁବ୍‌ଲିକ୍ ସିଲ୍‌ସିଲା ଆଜିକାଲି ମର୍କଜରେ କାର୍ଯ୍ୟରତ ଅଛନ୍ତି । ସେ କୁହନ୍ତି ସମ୍ମାନୀୟ ମୌଲବୀ ସାହେବ୍ ୱ୍କଫେ ଜିନ୍ଦେଗୀ ମୁର୍‌ବିୟାନ୍ ଓ ମୁଅଲମିନ୍ ପାଇଁ ନିଃସନ୍ଦେହରେ ଜଣେ ଜ୍ୱଳନ୍ତ ଆଦର୍ଶ ଥିଲେ । ସେ କମ୍ କଥା କହୁଥିଲେ, ନିଜ ଦୃଷ୍ଟିକୁ ସର୍ବଦା ଆନତ ରଖୁଥିଲେ, ନିଜ କାମରେ ବ୍ୟସ୍ତ ରହୁଥିଲେ । ଅତି ଦୁଆ ପ୍ରୀୟ ଶାନ୍ତଶିଷ୍ଟ ସ୍ୱଭାବ ବ୍ୟକ୍ତି, ଅନ୍ୟକୁ ସାକ୍ଷାତ କଲାବେଳେ ସ୍ମିତହାସ୍ୟ ପ୍ରକାଶ କରୁଥିଲେ । ଖିଲାଫତେ ଅହେମଦୀୟାର ସୁରକ୍ଷା ପାଇଁ ସତର୍କ ଓ ଖିଲାଫତ୍ ପ୍ରତି ଯଦି କେହି ଅସମ୍ମାନ ପ୍ରଦର୍ଶନ କରୁଥିଲା । ତେବେ ତାହା ଉପରେ କ୍ଷୁବ୍ଧ ହୋଇଯାଉଥିଲେ ଏବଂ ସେମାନଙ୍କୁ ବୁଝାଇବାରେ ସର୍ବଦା ମଧ୍ୟମ ପଥକୁ ଅବଲମ୍ବନ କରୁଥିଲେ । ସେ ସର୍ବଦା ମିତବ୍ୟୟତା ପ୍ରଦର୍ଶନ କରୁଥିଲେ । ଯେଉଁମାନେ ମୌଲବୀ ସାହେବଙ୍କର ଛାତ୍ର ଥିଲେ, ଆଜି ସେମାନେ ବଡ଼ ହୋଇଯାଇଛନ୍ତି କିନ୍ତୁ ସେମାନଙ୍କ ମନରେ ମୌଲବୀ ସାହେବଙ୍କର ଉତମ ଆଚରଣ ଓ ଆନ୍ତରିକ ପ୍ରେମ ସ୍ମରଣ ହୋଇ ରହଯାଇଛି ଏବଂ ଯାହାକି ସେମାନେ କଦାପି ଭୁଲିପାରିବେ ନାହିଁ । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟ କାର୍ଯ୍ୟକୁ ପ୍ରଚଳିତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନୀୟା ସ୍ୱର୍ଗତ ରଫିକାଁ ବିବି ସାହିବା, ପତ୍ନୀ ବଶିର୍ ଅହ୍‌ମଦ୍ ଡ଼ୋଗର୍ ସାହେବ ଅହ୍‌ଦପୁରୀ ନିବାସୀ ଜିଲ୍ଲା ନାରଓ୍ୱାଲ୍ ଅଟନ୍ତି । ଜୁନ୍ ମାସ ୨୨ ତାରିଖ ଦିନ ଦୈବି ବିଧାନ ଅନୁଯାୟୀ ତାଙ୍କର ମୃତ୍ୟୁ ଘଟିଥିଲା । *ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ* । ତାଙ୍କ ବଂଶଧରରେ ଅହେମଦୀୟତର ମୁଳଦୁଆ ତାଙ୍କର ଜେଜେବାପା ହଜ୍‌ରତ୍ ମଲକ୍ ସର୍ଦ୍ଦାର ଖାନ୍ ଡ଼ୋଗର ସାହେବ ଯିଏକି ଗ୍ରାମ ପ୍ରାଧନ ଥିଲେ ତଥା ମସିହ ସ:ଆ:ସଙ୍କ ସାହାବି ଥିଲେ । ତାଙ୍କର ସୁପତ୍ର ରିୟାଜ୍ ଅହେମଦ୍ ଡ଼ୋଗର୍ ସାହେବ କୁହନ୍ତି, ଯେତେବେଳେ ମୁଁ ଚେତା ଫେରିପାଇଲି ଅର୍ଥାତ ବଡ଼ ହେଲି ସେତେବେଳେ ମୁଁ ମାତାଙ୍କୁ ବହୁତ ନମାଜ ପଢୁଥିବାର ଓ ସଂଯମତା ରକ୍ଷା କରୁଥିବାର ଦେଖିବାକୁ ପାଇଥିଲି ସେ ନମାଜ ଓ ରୋଜା କଦାପି ଛାଡୁ ନଥିଲେ ଓ ତାହାର କଡ଼ାକଡ଼ି ରୂପେ ପାଳନ କରୁଥିଲେ । କୁରାନ୍ କରିମ୍‌ର ଅନେକ ସୁରାଃତ୍ କଣ୍ଠସ୍ଥ କରିନେଇଥିଲେ । ସକାଳ ବେଳା ଖିର ଗରମ କଲାବେଳେ ସୁରାଃ ତବାବୁନ୍ ର ତିଲାଓ୍ୱତ୍ କରୁଥିଲେ । ପ୍ରତ୍ୟେକ ନମାଜ ପୂର୍ବରୁ ଜଣେ ଦୁଇଜଣ ନାତିନାତୁଣୀଙ୍କୁ ସାଙ୍ଗରେ ନିଶ୍ଚିତ ରୂପେ ଛିଡ଼ା କରିନେଉଥିଲେ । ଏହା କରିବା ଦ୍ୱାରା ଯେପରି ପିଲାମାନଙ୍କ ମଧ୍ୟରେ ନମାଜ ପ୍ରତି ଅଭିରୁଚି ଉତ୍ପନ୍ନ ହେବ । କହୁଥିଲେ ନମାଜ ପଢ଼ିସାରିବା ପରେ ଅଧିକ ସମୟ ଧରି ସେ ଯାଏ ନମାଜ ଉପରେ ବସି ତସ୍‌ବିହ୍ ଅର୍ଥାତ ଈଶ୍ୱରଙ୍କ ନାମ ଜପ କରୁଥିଲେ । ସେହିପରି ତିଲାଓ୍ୱତ୍ ମଧ୍ୟ ଉଚ୍ଚସ୍ୱରରେ କରୁଥିଲେ ଯଦ୍ୱାରା ସମଗ୍ର ଘରେ ତାଙ୍କ ତିଲାଓ୍ୱତ୍‌ର ସ୍ୱର ଗୁଞ୍ଜରିତ ହେଉଥିଲା । ଖିଲାଫତ୍ ସହିତ ତାଙ୍କର ଘନିଷ୍ଠତା ଓ ଆସକ୍ତଭାବ ଓ ଅନୁଗତ୍ୟତା ଥିଲା । ଖଲିଫାଙ୍କ ଦୁଆ ଉପରେ ସେ ବହୁତ ବିଶ୍ୱାସ ରଖୁଥିଲେ ସେ, ଲୋକମାନଙ୍କୁ ଅତ୍ୟନ୍ତ ଗର୍ବର ସହିତ କହୁଥିଲେ ଯେ, ମୋ ନାତି ସିଲ୍‌ସିଲାର ମୁବ୍‌ଲିଗ୍ ଓ ମୋ ଝିଅର ପୁଅ ମଧ୍ୟ ମୁବ୍‌ଲିଗ୍ । ସେ ନିଜ ପିଲାମାନଙ୍କୁ ଝୁରିବା ସତ୍ୱେ ବି ସେମାନଙ୍କୁ ଏହା କହୁଥିଲେ ଯେ, ଅଲ୍ଲାଃ ତାଲାଙ୍କର ଅଶେଷ ଓ ଅପାର ଦୟା ଯେ ସେ ମୋର ଶାଖାକୁ ସମଗ୍ର ପୃଥିବୀରେ କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଦେଇଛନ୍ତି । ମୃତକଙ୍କ ପରିବାରରେ ଛଅଜଣ ପୁତ୍ର ଓ ଜଣେ କନ୍ୟା ତଥା ନାତିନାତୁଣୀ ଅନ୍ତର୍ଭୁକ୍ତ ରହିଛନ୍ତି । ତାଙ୍କର ଜଣେ ପୁତ୍ର ରିୟାଜ ଅହେମଦ୍ ଡ଼ୋଗର୍ ସାହେବ ତାଞ୍ଜାନିଆର ସିଲ୍‌ସିଲାରେ ସେବା ସମ୍ପାଦନ କରୁଛନ୍ତି । ସେ କର୍ମଭୁମିରେ କାର୍ଯ୍ୟବ୍ୟସ୍ତତା ଓ ସାମ୍ପ୍ରତିକ ପରିସ୍ଥିତି ଯୋଗୁଁ ଅର୍ଥାତ କରୋନାର ଉତ୍କଟ ପରିସ୍ଥିତି ଯୋଗୁଁ ମାତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇପାରିନଥିଲେ । ଅଲ୍ଲାଃ ତାଲା ତାଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ତାଙ୍କର ଜଣେ ନାତି ଆଦିଲ୍ ଅହେମଦ୍ ଡ଼ୋଗର୍ ପାକିସ୍ତାରେ ମୁବ୍‌ଲିଗ୍ ସିଲ୍‌ସିଲା ରୂପେ ସେବା ସମ୍ପାଦନ କରୁଛନ୍ତି । ସେହିପରି ତାଙ୍କ ଝିଅର ପୁତ୍ର ଅର୍ଥାତ ନାତି ଅଜିଜ୍ ଅହେମଦ୍ ଡ଼ୋଗର୍ ଯାମିୟା ଅହେମଦୀୟା ଇଂଟରନ୍ୟାସନାଲ୍ ଘାନାରେ ପଂଚମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀକୁ ଜାରି ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍...

ସେହିପରି ଆଜି ମୁଁ ସେହି ଲୋକମାନଙ୍କର ଯନାଜାଃ ମଧ୍ୟ ପାଠ କରବି ଯାହାଙ୍କର ଚର୍ଚ୍ଚା ମୁଁ ଗତ ଖୁତ୍‌ବାରେ କରିସାରିଛି । ପ୍ରତିକୂଳ ପରିସ୍ଥିତି ଯୋଗୁଁ ସେମାନଙ୍କର ନମାଜ ଯନାଜାଃ ପଢ଼ାଯାଇପାରିନଥିଲା । ସେମାନଙ୍କ ମଧ୍ୟରେ ନାଶିର୍ ସଇଦ୍ ସାହେବ୍, ଗୁଲାମ୍ ମୁସ୍ତଫା ସାହେବ୍, ଡ଼ାକ୍ତର ନକିଉଦ୍ଦିନ୍ ସାହେବ୍ ଇସ୍‌ଲାମାବାଦ୍, ଜୁଲ୍‌ଫୁକାର ସାହେବ୍ ମୁବଲିଗ୍ ସାହେବ ଇଣ୍ଡୋନେସିଆ ସାମିଲ ଅଛନ୍ତି, ଅଲ୍ଲାଃ ତାଲା ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ଆମିନ୍......

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ଯଦି ୟହୁଦୀମାନଙ୍କ ମଧ୍ୟରୁ ଦଶଜଣ ଅର୍ଥାତ ଦଶଜଣ ପ୍ରଭୁତ୍ୱଶାଳୀ ବ୍ୟକ୍ତି ମୋ ଉପରେ ଇମାନ୍ ନେଇଆସିଥାନ୍ତେ, ତେବେ ଈଶ୍ୱରଙ୍କ ଉପରେ ମୋର ଏ ଭରଷା ଥିଲା ଯେ, ସମଗ୍ର ଜାତିଟି ଏହି ଐଶ୍ୱରୀକ ଦଣ୍ଡରୁ ବଂଚି ଯାଇଥାନ୍ତେ ।

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମହାନ୍ ବଦରୀ ସାହାବି, ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସଙ୍କର ଜଣେ ଅତ୍ୟନ୍ତ ନିଷ୍ଠାବାନ, ପ୍ରେମୀ, ଉତ୍ସର୍ଗୀକୃତ କର୍ମୀ, ଉଚ୍ଚପଦାଧିକାରୀ, ନିଷ୍ଠାପର ଏବଂ ଓ୍ୱସ୍ କବିଲାର ମହାନ୍ ସର୍ଦ୍ଦାର ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ବିଶେଷ ଗୁଣାବଳୀର ଚର୍ଚ୍ଚା ।

ଅହ୍‌ଜାବ୍ ଯୁଦ୍ଧ ସମୟରେ ବନୁ କୁରେଜାର ବିଶ୍ୱାସଘାତକତା ଏବଂ ଐଶ୍ୱରିକ ନିର୍ଦ୍ଦେଶାବଳୀ ଅନ୍ତର୍ଗତ ସେମାନଙ୍କ ପାଇଁ ଦଣ୍ଡ ବିଧାନର ଘଟଣାବଳୀ ସମ୍ବନ୍ଧରେ ବ୍ୟାଖ୍ୟାପୂର୍ଣ୍ଣ ବର୍ଣ୍ଣନା ।

ଚାରିଜଣ ମର୍‌ହୁମିନ୍ (ମୃତକ) ମୁକରମା ହାଜିୟା ରୁକୈୟା ଖାଲିଦ୍ ସାହିବା ସଦର ଲଜ୍‌ନା ଇମାଇଲା ଘାନା, ମୁକରମା ସଫିୟା ବେଗମ୍ ସାହିବା ପତ୍ନୀ ଶ୍ରୀମାନ୍ ଶେଖ୍ ମୁବାରକ୍ ଅହେମଦ୍ ସାହେବ୍ ମର୍‌ହୁମ୍ (ମୁବଲିଗ୍ ସିଲ୍‌ସିଲା), ମୁକରମ୍ ଅଲୀ ଅହେମଦ୍ ସାହେବ୍ ଅବସରପ୍ରାପ୍ତ ମୁଅଲ୍ଲିମ୍ ଓ୍ୱକ୍‌ଫେ ଜଦିଦ୍ ଏବଂ ମୁକରମା ରଫିକାଁ ବିବି ସାହିବା ଅଫ୍ ନାରଓ୍ୱାଲ୍‌ଙ୍କ ଉତମଗୁଣାବଳୀର ଚର୍ଚ୍ଚା ଏବଂ ସେମାନଙ୍କ ସହିତ ଆଉ କେତେଜଣ ମର୍‌ହୁମିନ୍ (ମୁକରମ୍ ନାସିର୍ ସଇଦ୍ ସାହେବ୍, ମୁକରମ ଗୁଲାମ୍ ମୁସ୍ତଫା ସାହେବ୍, ଡ଼ା. ପିର୍ ମୁହମ୍ମଦ୍ ନକିଉଦ୍ଦିନ୍ ସାହେବ୍ ଏବଂ ମୁକରମ୍ ଜୁଲ୍‌ଫିକାର୍ ଅହେମଦ୍ ଅମାନିକ୍ ସାହେବ୍ ମୁରବୀ ସିଲ୍‌ସିଲା ଇଣ୍ଡୋନେସିଆ)ମାନଙ୍କର ମଧ୍ୟ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୦ ଜୁଲାଇ ୨୦୨୦ ଅନୁଯାୟୀ ୧୦ ଓ୍ୱଫା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଯେପରି କି ଗତ ଖୁତ୍‌ବାରେ ମୁଁ ଚର୍ଚ୍ଚା କରିଥିଲି ଯେ, ଏହ୍‌ଜାବ ଯୁଦ୍ଧପରେ ବନୁ କୁରୈଜାଃର ବିଶ୍ୱାସଘାତକତାର ଦଣ୍ଡବିଧାନ ଈଶ୍ୱରଙ୍କ ନିର୍ଦ୍ଦେଶାନୁସାରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କରିଥିଲେ । ମୁସଲମାନମାନେ ବନୁ କୁରୈଜାଃର ଘେରାଉ କରିଥିଲେ । ଶେଷରେ ସେମାନେ ତାଙ୍କ ନିଷ୍ପତିରେ ସହମତି ପ୍ରକାଶ କରିଥିଲେ ସୁତରାଂ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ ଚୁଡ଼ାନ୍ତ ନିଷ୍ପତି ଦେଇଥିଲେ । ଉକ୍ତ ସଂଘର୍ଷର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଗୋଟିଏ ସ୍ଥାନରେ କୁହନ୍ତି କି,

ଦିର୍ଘ ୨୦ ଦିନପରେ ଯେତେବେଳେ ଅହ୍‌ଯାବ୍ ଯୁଦ୍ଧରୁ ଫେରି ମୁସଲମାନମାନେ ଶାନ୍ତିରେ ନିଶ୍ୱାସ ନେଇଥିଲେ କିନ୍ତୁ ଏବେ ବୁନ କୁରୈଜାଃର କିଛି ଗୋଟିଏ ଫଇସଲା କରିବା ଜରୁରୀ ଥିଲା । କାରଣ ସେମାନଙ୍କ ବିଶ୍ୱାସଘାତକତା ଏପରି ନଥିଲା ଯାହାକି ଅଣଦେଖା କରାଯାଇଥାନ୍ତା । ଯୁଦ୍ଧରୁ ଫେରିବା ମାତ୍ରେ ହଜୁର ସ:ଆ:ସ ସାହାବାମାନଙ୍କୁ କହିଲେ ଘରେ ଯାଇ ଆରାମ କରିବା ପରିବର୍ତେ ସଂଧ୍ୟା ହେବା ପୂର୍ବରୁ ହିଁ ବୁନ କୁରୈଜାଃର ଦୁର୍ଗ ନିକଟରେ ପହଂଚ ଏବଂ ହଜୁର ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ ଆଗତୁରା ବୁନ କୁରୈଜାଃର ନିକଟକୁ ପ୍ରେରଣ କରିଦେଲେ କି ଯାଇ ତାଙ୍କୁ ପଚାର ଯେ ସେମାନେ କାହିଁକି ସନ୍ଧିର ସର୍ତକୁ ଭଙ୍ଗ କଲେ । ଏହା ଶୁଣି ବନୁ କୁରୈଜାଃ ଅନୁତପ୍ତ ହେବା ଓ କ୍ଷମା ଜାଚନା କରିବା ତଥା କୌଣସି ଆଳ କରିବା ପରିବର୍ତେ ସେମାନେ ହଜ୍‌ରତ୍ ଅଲୀ ଓ ତାଙ୍କ ସାଥିମାନଙ୍କୁ ଅଭାଷା ଓ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ । ହଜୁର ସ:ଆ:ସ ଓ ଆପଣଙ୍କ ବଂଶଧରର ମହିଳାମାନଙ୍କୁ ମଧ୍ୟ ଅତ୍ୟନ୍ତ ଅସଭ୍ୟ ଓ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ ଏବଂ କହିଲେ ଆମେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଜାଣିନାହୁଁ । ନା ତାଙ୍କ ସହ ଆମର କୌଣସି ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଥିଲା । ହଜ୍‌ରତ୍ ଅଲୀ ତାଙ୍କର ଏହି ପ୍ରତିକ୍ରୀୟା ସମ୍ବନ୍ଧରେ ସୁଚନା ଦେବାପାଇଁ ହଜୁର ସ:ଆ:ସଙ୍କ ନିକଟକୁ ପ୍ରତ୍ୟାବର୍ତନ କରୁଥିଲେ କି ନିଜ ସମ୍ମୁଖରେ ହଜୁର ସ:ଆ:ସ ଓ ସାହାବାମାନଙ୍କୁ ପାଇଲେ ତେଣୁ ସେ ପ୍ରୟାଶ କଲେ ଯେ, ୟହୁଦୀମାନଙ୍କ ଅସଭ୍ୟ ଓ ନିର୍ଲଜପୂର୍ଣ୍ଣ ଅଭାଷା ହଜୁର ସ:ଆ:ସଙ୍କ କାନରେ ନପଡୁ ଯାହାକି ହଜୁର ଓ ଆପଣଙ୍କ ସହଧର୍ମୀଣୀ ତଥା କନ୍ୟାମାନଙ୍କ ସମ୍ବନ୍ଧରେ ସେମାନେ କହୁଥିଲେ ଯଦ୍ୱାରା ହଜୁର ସ:ଆ:ସଙ୍କୁ କଷ୍ଟ ହେବ । ତେଣୁ ସେ କହିଲେ, ହଜୁର ଆପଣ ଏଠାରୁ ଚାଲିଯାଆନ୍ତୁ ଆମେମାନେ ଏମାନଙ୍କ ମୁକାବିଲା କରିବାପାଇଁ ଯଥେଷ୍ଟ । ହଜୁର ଉତର ଦେଲେ ୟହୁଦୀମାନେ ମତେ ଓ ମୋ ପରିବାର ବର୍ଗଙ୍କୁ ଗାଳିଗୁଲଜ କରୁଛନ୍ତି ଏବଂ ତୁମେ ଚାହୁଁଛ ତାହା ମୋ କାନରେ ନପଡୁ । ହଜ୍‌ରତ୍ ଅଲୀ ପ୍ରତିଉତରରେ କହିଲେ ଆଜ୍ଞା ମୋର ଏହା ହିଁ ଅଭିପ୍ରାୟ । ହଜୁର ସ:ଆ:ସ କହିଲେ ସେଠୁ କଣ ହେଲା । ହଜ୍‌ରତ୍ ମୁସା ଆ:ସ ତ ତାଙ୍କ ନିଜସ୍ୱ ଅବତାର ଥିଲେ ଏବଂ ଏମାନେ ତାଙ୍କୁ ଏହାଠାରୁ ବଳି କଷ୍ଟ ଦେଉଥିଲେ ତା'ପରେ ହଜୁର ସ:ଆ:ସ ୟହୁଦୀଙ୍କ ଦୁର୍ଗ ଆଡ଼କୁ ଚାଲିଲେ କିନ୍ତୁ ସେମାନେ ମୁଖ୍ୟ ଦ୍ୱାର ବନ୍ଦ କରିଦେଲେ ଏବଂ ମୁସଲମାନମାନଙ୍କ ସହ ଯୁଦ୍ଧ ଆରମ୍ଭ କରିଦେଲେ ଏପରି କି ସେମାନଙ୍କ ମହିଳାମାନେ ମଧ୍ୟ ଯୁଦ୍ଧରେ ସାମିଲ ହେବାପାଇଁ ବାହାରି ଆସିଲେ । ମୁଖ୍ୟ ଦ୍ୱାରରେ କିଛି ମୁସଲମାନ ବସି ରହିଥିଲେ ଏହା ଦେଖି ଜଣେ ୟହୁଦୀ ମହିଳା ଉପରୁ ଏକ ପଥର ଫିଙ୍ଗି ଜଣେ ମୁସଲମାନଙ୍କୁ ଶହୀଦ କରିଦେଲା । କିନ୍ତୁ କିଛି ଦିନରେ ହିଁ ସେମାନେ ବୁଝି ନେଲେ ଯେ, ଆମେ ମୁସଲମାନମାନଙ୍କ ମୁକାବିଲା କରିପାରିବୁ ନାହିଁ ସୁତରାଂ ତାଙ୍କର ସର୍ଦ୍ଦାର ଏହି ପ୍ରସ୍ତାବ ହଜୁର ସ:ଆ:ସଙ୍କ ନିକଟକୁ ପଠାଇଲେ କି ଅବୁ ଲବାବା ଅନ୍‌ସାରୀ ଯିଏ ତାଙ୍କର ବନ୍ଧୁ ଓ ଓ୍ୱସ କବିଲାର ସର୍ଦ୍ଦାର ଥିଲେ ସେମାନଙ୍କ ନିକଟକୁ ପ୍ରେରଣ କରନ୍ତୁ ଯଦ୍ୱାରା ତାଙ୍କ ସହ ପରାମର୍ଶ କରାଯାଇପାରିବ । ବସ୍ତୁତଃ ହଜୁର ଅବୁ ଲବାବାଙ୍କୁ ସେଠାକୁ ପ୍ରେରଣ କରିଥିଲେ ୟହୁଦୀ ତାଙ୍କୁ କହିଲେ ଯଦି ଆମେ ଅସ୍ତ୍ରବିରତି କରୁ ତେବେ କଣ ହଜୁର ଘେରାଉ କରିବା ପ୍ରତ୍ୟାହାର କରିନେବେ । ଅବୁ ଲବାବା କହିଲେ ହଁ କିନ୍ତୁ ଏଥିସହିତ ନିଜ ବେକରେ ଏପରି ହାତ ବୁଲାଇ ଆଣିଲେ ଯେପରି କାହାରିକୁ ହତ୍ୟା କରିବାର ଇଙ୍ଗିତ କରାଯାଏ । ହଜୁର ସ:ଆ:ସ ସେ ପର୍ଯ୍ୟନ୍ତ ସୁଦ୍ଧା ନିଜର କୌଣସି ନିଷ୍ପତି ପ୍ରକାଶ କରିନଥିଲେ କିନ୍ତୁ ଅବୁ ଲବାବା ମନେ ମନେ ବୁଝି ନେଇଥିଲେ ଯେ ୟହୁଦୀମାନେ ଯେଉଁ ଅପରାଧ କରିଛନ୍ତି ତାହାର ଦଣ୍ଡ ହତ୍ୟା ବ୍ୟତିତ ଅନ୍ୟଥା କିଛିନୁହେଁ । ତେଣୁ ସେ ବିନା ବିଚାର କରି ଏପରି ଇଙ୍ଗିତ କରିଦେଇଥିଲେ । ଶେଷରେ ବନୁ କୁରୈଜାଃର ଦୁର୍ଗ ଧୂଳିସାତ ହେଲା ଅତଏବ ୟହୁଦୀମାନେ ପରିଷ୍କାର ଭାବରେ କହିଦେଲେ ଯେ ଆମେମାନେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନିଷ୍ପତି ସ୍ୱୀକାର କରିବାକୁ ପ୍ରସ୍ତୁତ ନାହୁଁ । ଯଦି ସେମାନେ ଆପଣ ସ:ଆ:ସଙ୍କ ନିଷ୍ପତି ଗ୍ରହଣ କରିନେଇଥାନ୍ତେ ତେବେ ଅନ୍ୟ ୟହୁଦୀ ଗୋଷ୍ଠୀଙ୍କ ପରି ସେମାନଙ୍କୁ ଅଧିକରୁ ଅଧିକ ମଦିନାରୁ ବହିଷ୍କାରର ଦଣ୍ଡ ଦିଆଯାଇଥାନ୍ତା । କିନ୍ତୁ ସେମାନଙ୍କ ଦୁର୍ଭାଗ୍ୟ ସେମାନେ ହଜୁର ସ:ଆ:ସଙ୍କ ନିଷ୍ପତି ସ୍ୱୀକାର କରିବା ପରିବର୍ତେ କହିଲେ ଆମେ ନିଜ ହଲିଫ୍ କବିଲା ଓ୍ୱସ୍‌ର ସର୍ଦ୍ଦାର ସାଆଦ୍ ବିନ୍ ମୁଆଜ୍‌ଙ୍କର ନିଷ୍ପତି ସ୍ୱୀକାର କରିବୁ । ସେ ଯାହା ହେଉ ଏବଂ ସେ ଯାହା ନିଷ୍ପତି ନେବେ ତାହା ଆମେ ପାଳନ କରିବୁ କିନ୍ତୁ ସେତିକିବେଳେ ୟହୁଦୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଲା । ସେମାନଙ୍କ ମଧ୍ୟରୁ କେତେକ କହିଲେ ଏକଥା ସତ୍ୟ ଯେ ଆମ ଲୋକମାନେ ବିଶ୍ୱାସଘାତକତା କରିଛନ୍ତି ଏବଂ ମୁସଲମାନମାନଙ୍କ

ଆଚରଣ ଦେଖିଲେ ଏକଥା ପ୍ରମାଣ ସିଦ୍ଧ ହେଉଛି ଯେ ତାଙ୍କ ଧର୍ମ ସତ୍‌ଧର୍ମ ଅଟେ । ଅତଃ ସେମାନେ ସ୍ୱଧର୍ମ ପରିହାର କରି ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେଲେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଉମ୍‌ରୋ ବିନ୍ ସୌଦା ଯିଏ ସେମାନଙ୍କ ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ଜଣେ ଥିଲେ । ନିଜ ଗୋଷ୍ଠୀ ସମୁହକୁ ନିନ୍ଦା କରି କହିଲେ ତୁମେମାନେ ବିଶ୍ୱାସଘାତକତା କରିଛ ପ୍ରତିଶୃତି ଭଙ୍ଗ କରିଛି ତେଣୁ ବର୍ତମାନ ତୁମେମାନେ ମୁସଲମାନ ହୋଇଯାଅ ନଚେତ ଟିକସ ଦେବାରେ ରାଜି ହୋଇଯାଅ କିନ୍ତୁ ସେମାନେ କୌଣସି ଗୋଟିଏ କଥା ମାନିବା ପରିବର୍ତେ ନିହତ ହେବାକୁ ପସନ୍ଦ କଲେ ଓ ଏହାକୁ ଶ୍ରେୟସ୍କର ମଣିଲେ । ସେ ଲୋକମାନଙ୍କୁ ବହୁତ ବୁଝାସୁଝା କଲେ ଅର୍ଥାତ ଉମ୍‌ରୋ ବିନ୍ ସୁଉଦା ଲୋକମାନଙ୍କୁ ବହୁତ ବୁଝାସୁଝା କଲେ କିନ୍ତୁ ଲୋକମାନେ ନବୁଝିବାରୁ ଶେଷରେ ସେ ତାଙ୍କଠାରୁ ନିଜକୁ ମୁକ୍ତ ହେବାର କହି ଦୁର୍ଗ ବାହାରକୁ ଚାଲିଆସିଲେ । ଦୁର୍ଗ ବାହାରେ ସେତେବେଳେ ମୁସଲମାନମାନଙ୍କର ଏକ ଦଳ ମହମ୍ମଦ ବିନ୍ ମୁସ୍‌ଲେମାଙ୍କ ନେତୃତ୍ୱରେ ମୁତୟନ ଥିଲା । ସେମାନେ ତାଙ୍କୁ ଦେଖି ପଚାରିଲେ ତୁମେ କିଏ ? ସେ ଉତର ଦେଲେ ମୁଁ ଅମୁକ ଏଥିରେ ମୁହମ୍ମଦ ବିନ୍ ମୁସ୍‌ଲେମା କହିଲେ **ଅଲ୍ଲାଃହୁମା ଲା ତହ୍‌ରିମ୍‌ନି ଇକାଲତା ଅସରାତିଲ୍ କିରାମା** ଅର୍ଥାତ ତୁମେ ସୁରକ୍ଷା ର ସହିତ ଚାଲିଯାଅ ଏବଂ ତାଙ୍କ ପାଇଁ ପ୍ରଭୁଙ୍କ ଶରଣେ ଦୁଆ ପ୍ରାର୍ଥନା କଲେ ଯେ ହେ ପ୍ରଭୁ ମତେ ପୂଣ୍ୟବନ୍ତଙ୍କ ଦୋଷ ଢ଼ାଙ୍କିବାରୁ କଦାପି ବଂଚିତ ରଖନାହିଁ । ଯେହେତୁ ସମ୍ପୃକ୍ତ ବ୍ୟକ୍ତିଜଣକ ନିଜ ଓ ନିଜ ଗୋଷ୍ଠୀର ଅପକର୍ମରେ ଦୁଃଖିତ ହୋଇ ଲୋକମାନଙ୍କ ସମ୍ମୁଖକୁ ଲୋକନିନ୍ଦାରୁ ବଂଚିତ ରହିବାପାଇଁ ସେମାନଙ୍କ ସମ୍ମୁଖକୁ ଆସୁନଥିଲେ ସେତେବେଳେ ଆମମାନଙ୍କର ମଧ୍ୟ ମାନବୀୟ କର୍ତବ୍ୟ ଯେ ତାଙ୍କୁ କ୍ଷମା ଦେବା ଏହା ଥିଲା ମୁହମ୍ମଦ ବିନ୍ ମୁସ୍‌ଲେମାଙ୍କର ମତ ତେଣୁ ସେ ତାଙ୍କୁ କଏଦ କଲେ ନାହିଁ । ଯେତେବେଳେ ହଜୁର ସ:ଆ:ସଙ୍କୁ ଏହାର ସୁଚନା ମିଳିଲା । ସେତେବେଳେ ଆପଣ ମୁହମ୍ମଦ ବିନ୍ ମୁସ୍‌ଲେମାଙ୍କୁ ପଚାରିଲେ ନାହିଁ ଯେ ତୁମେ କାହିଁକି ତାଙ୍କୁ କଏଦ କଲନାହିଁ । ବରଂ ତାଙ୍କର ଏହି ଆଚରଣ ଯୋଗୁଁ ପ୍ରଶଂସା କଲେ ଏବଂ କହିଲେ ତୁମେ ବେଶ୍ ଭଲକାର୍ଯ୍ୟ କରିଛ ।

ବନୁ କୁରୈଜାଃ ଗୋଷ୍ଠୀର ଏପରି ଜଣେ ଦୁଇଜଣ ଏପରି ପଦକ୍ଷେପ ଗ୍ରହଣ କରିଥିଲେ ଓ ଚାହୁଁଥିଲେ ଯେ ମୁସଲମାନମାନଙ୍କ ସହ କୌଣସି ଚୁକ୍ତି ସ୍ୱାକ୍ଷରତ ହୋଇଯାଉ ନଚେତ ଉକ୍ତ ଗୋଷ୍ଠୀଟି ନିଜ ଜିଦ୍‌ରେ ଅଟଳ ରହିଥିଲେ ଯେ ଆମେ ହଜୁର ସ:ଆ:ସଙ୍କ ଆଦେଶକୁ ପାଳନ କରିବୁ ନାହିଁ ଏବଂ ହଜୁର ସ:ଆ:ସଙ୍କ ପରିବର୍ତେ ସାଆଦ୍‌ଙ୍କ ନିଷ୍ପତି ସ୍ୱୀକାର କରିବାକୁ ମତପ୍ରକାଶ କରିଥିଲେ । ହଜୁର ସ:ଆ:ସ ମଧ୍ୟ ସେମାନଙ୍କର ଏହି କଥାରେ ରାଜି ହୋଇଗଲେ । ସାଆଦ୍ ର:ଅ ଯେ ଅହ୍‌ଜାବ୍ ଯୁଦ୍ଧରେ କ୍ଷତାକ୍ତ ଅବସ୍ଥାରେ ଥିଲେ ଏବଂ ଖବର ପାଇଲେ ଯେ ବନୁ କୁରୈଜାଃ ଆପଣଙ୍କ ନିଷ୍ପତିର ଅଭିଳାଷୀ ଓ ଅପେକ୍ଷାରେ ଅଛନ୍ତି । ଏହି ପ୍ରସ୍ତାବର ଘୋଷଣା ହେବାମାତ୍ରେ ଓ୍ୱସ୍ କବିଲାର ଲୋକେ ହଜ୍‌ରତ୍ ସାଆଦ୍‌ଙ୍କ ନିକଟକୁ ଦୌଡ଼ି ଆସିଲେ ଏବଂ ତାଙ୍କୁ ବାରମ୍ବାର କହିଲେ ଯେ, ଖଜ୍‌ରଜ୍ ନିଜ ହଲିଫ ଯହୁଦୀ କବିଲାକୁ ସର୍ବଦା ଦଣ୍ଡ ଦେବାରୁ ରକ୍ଷା କରିଆସୁଅଛି ଆଜି ଆମର ପାଳି ଆପଣ ମଧ୍ୟ ନିଜ ହଲିଫ୍ ଗୋଷ୍ଠୀ ସପକ୍ଷରେ ନିଷ୍ପତି ଦେବେ । ସାଆଦ୍ କ୍ଷତାକ୍ତ ହେବା ସତ୍ୱେ ନିଜ ବାହନରେ ଚଢ଼ି ବନୁ କୁରୈଜାର ଅଭିମୁଖେ ବାହାରିପଡ଼ିଲେ ସେତେବେଳେ ତାଙ୍କ ଗୋଷ୍ଠୀ ସମୂହ ତାଙ୍କ ଦକ୍ଷିଣ ଓ ବାମ ପାର୍ଶ୍ୱରେ ଦଉଡ଼ି ଚାଲୁଥିଲେ ଏବଂ କହୁଥିଲେ ଯେ ବନୁ କୁରୈଜାର ବିରୋଧରେ ରାୟ ଦେବେନାହିଁ । କିନ୍ତୁ ସାଆଦ୍ ଏତିକି ମାତ୍ର କହିଲେ ଯେ ଯାହା ଉପରେ ନ୍ୟାୟଭାର ଅର୍ପଣ କରାଯାଇଥାଏ । ସେ ଅମାନତ୍‌ଦାର ହୋଇଥାଏ ତାକୁ ନିରପେକ୍ଷ ନିଷ୍ପତି ଦେବା ଉଚିତ ତେଣୁ ନ୍ୟାୟର ସହିତ ରାୟ ଦେବି ।

ଯେତେବେଳେ ସାଆଦ୍ ଯହୁଦି କବିଲା ନିକଟରେ ପହଂଚିଲେ ଯେଉଁ ସ୍ଥଳେ ଏକ ପାର୍ଶ୍ୱରେ ବନୁ କୁରୈଜା ନିଜ ଦୁର୍ଗରେ ତାଙ୍କ ଅପେକ୍ଷାରେ ଥିଲେ ତ ଅନ୍ୟ ପାର୍ଶ୍ୱରେ ମୁସଲମାନମାନେ ବସି ରହିଥିଲେ । ପ୍ରଥମେ ସାଆଦ୍ ନିଜ ଗୋଷ୍ଠୀକୁ କହିଲେ ହେ ମୋର ଗୋଷ୍ଠୀ ସମୁହ କଣ ତୁମେମାନେ ପ୍ରତିଜ୍ଞା କରୁଛ କି ଯାହା ମୁଁ ନିଷ୍ପତି ଦେବି ତୁମେମାନେ ତାହାର ପାଳନ କରିବ । ସେମାନେ ଉତର ଦେଲେ ହଁ ତା'ପରେ ବନୁ କୁରୈଜାକୁ ସମ୍ବୋଧନ କରି କହିଲେ, ହେ ବୁନ କୁରୈଜା ! କଣ ତୁମେ ପ୍ରତିଜ୍ଞା କରୁଛ କି ଯାହା ମୁଁ ନିଷ୍ପତି ଦେବି ତୁମେମାନେ ତାହାର ପାଳନ କରିବ ? ସେମାନେ ମଧ୍ୟ ଉତର ଦେଲେ ହଁ । ଯେହେତୁ ସେମାନଙ୍କ ମଧ୍ୟରେ ହଜୁର ସ:ଆ:ସଙ୍କ ମଧ୍ୟ ବସି ରହିଥିଲେ ତେଣୁ ନିଜ ନଜର ମଧ୍ୟ ତଳକୁ ଅବନତ କଲେ ଏବଂ କହିଲେ ଯେହେତୁ ହଜୁର ସ:ଆ:ସଙ୍କ ଅନୁମତି କ୍ରମେ ତାଙ୍କୁ ହାକିମ କରାଯାଇଥିଲା ତେଣୁ ମୁସଲମାନମାନଙ୍କୁ ମଧ୍ୟ ଏକଥା ପଚାରିବା ଜରୁରି ଥିଲା ନଚେତ ହଜୁର ସ:ଆ:ସଙ୍କ ଉପସ୍ଥିତିରେ ତାଙ୍କର ସ୍ଥାନ ତ ଅତ୍ୟନ୍ତ ନଗଣ୍ୟ ଓ ତୁଚ୍ଛ ଥିଲା । ଯେତେବେଳେ ତିନିଦଳଠାରୁ ପ୍ରତିଶୃତି ନେଲେ ଅର୍ଥାତ ଶେଷରେ ମୁସଲମାନମାନଙ୍କଠାରୁ ପ୍ରତିଶୃତି ନେବା ପରେ ସାଆଦ୍ ବାଇବେଲ୍ ମୁତାବକ ନିଷ୍ପତି ଦେଲେ । ଯାହାକି ବାଇବେଲରେ ଦରଜ ରହିଛି ।

ଯେତେବେଳେ ତୁମେ କୌଣସି ସହରବାସୀଙ୍କ ସହ ଲଢ଼ିବାପାଇଁ ଆସି ପହଂଚିଯାଅ ତେବେ ସର୍ବପ୍ରଥମେ ତାଙ୍କୁ ସନ୍ଧିର ବାର୍ତା ପ୍ରେରଣ କର । ଯଦି ସେ ତୁମକଥାରେ ରାଜି ହୋଇଯାଆନ୍ତି ଏବଂ ସହରର ମୁଖ୍ୟ ଦ୍ୱାରକୁ ଖୋଲି ଦିଅନ୍ତି ତେବେ ସେମାନଙ୍କଠାରୁ ଟିକସ ଆଦାୟ କରିବା ବିଧେୟ ଓ ଉକ୍ତ ସହରବାସୀ ତୁମର ସେବା କରିବା ଅନିବାର୍ଯ୍ୟ କିନ୍ତୁ ଯଦି ସେମାନେ ତୁମ ସହ ସନ୍ଧି ନକରନ୍ତି ବରଂ ତୁମ ସହ ପ୍ରତିଦ୍ୱନ୍ଦିତା କରନ୍ତି ତେବେ ତାହାର ଘେରାଉ କର ଏବଂ ଯେତେବେଳେ ତୁମ ସୃଷ୍ଟିକର୍ତା ତାଙ୍କ ଉପରେ ତୁମକୁ ଅଧିକୃତ ପ୍ରଦାନ କରିବେ । ସେତେବେଳେ ତାହାର ସମସ୍ତ ପୁରୁଷ ଅଧିବାସୀଙ୍କୁ ହତ୍ୟାକର ଏବଂ ମହିଳା, ପିଲାମାନ ଓ ଗୃହପାଳିତ ପଶୁ ଇତ୍ୟାଦି ତଥା ଯାହା କିଛି ସହରରେ ରହିଛି ସବୁ କିଛି ତୁମେମାନେ ନିଜର ଅଧିନସ୍ତ କରିନିଅ । କାରଣ ତୁମ ପ୍ରଭୁ ଏ ସବୁ ତୁମକୁ ପ୍ରଦାନ କରିଛନ୍ତି । ତୁମର ସୃଷ୍ଟିକର୍ତା ତୁମକୁ ଏହି ଆଦେଶ ଦେଇଛନ୍ତି ସୁତରାଂ ତୁମେ ଏହାର ପାଳନ କର ନଚେତ ତୁମେ ନିଜ ପ୍ରଭୁଙ୍କ ନିକଟରେ ଦୋଷି ସାବ୍ୟସ୍ତ ହେବ । ଏହା ବାଇବେଲର ନିର୍ଦ୍ଦେଶାବଳୀ ଥିଲା ଯାହା ପାଠ କରି ହଜ୍‌ରତ୍ ସାଆଦ୍ ନିଷ୍ପତି ଦେଲେ ।

ବାଇବେଲର ଏହି ନିଷ୍ପତି ଅନୁଯାୟୀ ଯଦି ଯହୁଦୀ ଜିତିଯାଇଥାନ୍ତେ ବିଜୟୀ ହୋଇଥାନ୍ତେ ତେବେ ସମସ୍ତ ମୁସଲମାନମାନଙ୍କୁ ହତ୍ୟାକରି ସେମାନଙ୍କ ମହିଳା ଓ ପିଲାଛୁଆଁଙ୍କ ଉପରେ ଯହୁଦୀ ନିଜର ଅଧିକାର ସାବ୍ୟସ୍ତ କରିଥାନ୍ତେ । କିନ୍ତୁ ଯେପରି ଇତିହାସ ପୃଷ୍ଠାରୁ ପ୍ରମାଣିତ ଯେ, ଏପରି ଘଟିନଥିଲା ସାଆଦ୍ ଯେ କି ବନୁ କୁରୈଜାର ହଲିଫ୍ ଥିଲେ ସେମାନଙ୍କ ବନ୍ଧୁ ଓ ମିତ୍ରମାନଙ୍କ ମଧ୍ୟରୁ ଥିଲେ । ଦେଖିଲେ ଯେ ଯହୁଦୀ ଇସ୍‌ଲାମି ନିତିଶିକ୍ଷା ମୁତାବକ ଯାହା ସେମାନଙ୍କ ଜୀବନକୁ ରକ୍ଷା କରିଥାନ୍ତା, ତାହାକୁ ସେମାନେ ସ୍ୱୀକାର କରୁନାହାନ୍ତି ତେଣୁ ହଜ୍‌ରତ୍ ମୁସାଙ୍କର ଐଶିବାଣୀ ଇସ୍ତେସ୍ନା ଅନୁଯାୟୀ ନିଷ୍ପତି ଦେଇଥିଲେ ତେଣୁ ଏହାର ଉତରଦାୟୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଓ ଅବା ମୁସଲମାନ ନୁହନ୍ତି ବରଂ ମୁସା ଓ ତୌରାତ୍ ଓ ସେହି ଯହୁଦୀମାନଙ୍କ ଉପରେ ନ୍ୟସ୍ତ ଯେଉଁମାନେ ଅଣଜାତିମାନଙ୍କ ସହ ଶହସ୍ରବର୍ଷ ଧରି ଏଭଳି ମାମଲା କରୁଥିଲେ । ଯେତେବେଳେ କି ହଜୁର ସ:ଆ:ସଙ୍କ ଦୟା ଆଡ଼କୁ ତାଙ୍କୁ ଡ଼କରା ଦିଆଯାଇଥିଲା ସେତେବେଳେ ସେମାନେ ତାହାର ପ୍ରତ୍ୟାଖାନ କରିଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରିଛନ୍ତି ଆଜି ଇସାଇ ଜଗତ ଚିତ୍କାର କରୁଅଛି କି ଏହି ପ୍ରସଙ୍ଗରେ ହଜୁର ସ:ଆ:ସ ଅନ୍ୟାୟ ଅତ୍ୟାଚାର କରିଛନ୍ତି । କଣ ଇସାଇ ବିଦ୍ୱାନ ଓ ନ୍ୟାୟବନ୍ତ ଏହା ଦେଖୁନାହାନ୍ତି ଯେ, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଅନ୍ୟ କୌଣସି ସ୍ଥଳେ କାହିଁକି ଏପରି ଆଚରଣ କଲେ ନାହିଁ । ଅର୍ଥାତ ଅତ୍ୟାଚାର କଲେ ନାହିଁ ଯେତେବେଳେ କି ଶହସ୍ରଥର ଶତୃ ନିଜକୁ ହଜୁର ସ:ଆ:ସଙ୍କ ଅଧିନ କରିଦେଇଥିଲେ । ଏବଂ ପ୍ରତ୍ୟେକ ଥର ହଜୁର ସେମାନଙ୍କ ସହ କ୍ଷମା ଆଚରଣ କରିଥିଲେ । କିନ୍ତୁ ଥରେ ଯେତେବେଳେ ଶତୃ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ନିଷ୍ପତି ପରିବର୍ତେ ଅନ୍ୟର ନିଷ୍ପତି ସ୍ୱୀକାର କରିବାକୁ ଜିଦ୍ ଧରି ବସିଲା । ସେତେବେଳେ ସେ ମଧ୍ୟ ସେମାନଙ୍କଠାରୁ ପ୍ରଥମେ ପ୍ରତିଶୃତି ନେଇ ନିଷ୍ପତି ଦେଲା ଯେ, ମୋର ନିଷ୍ପତି ରକ୍ଷା କରିବ ଏବଂ ତାହା ବି ତାହାର ନୁହେଁ ବରଂ ମୁସାଙ୍କ ଧାର୍ଯ୍ୟ ନିଷ୍ପତିର ପୁର୍ନାବୃତି ଥିଲା । ଯେପରି କି ଇତିହାସରୁ ଜଣାପଡୁଛି  ତେଣୁ ଯଦି କେହି ଅତ୍ୟାଚାର କରିଛନ୍ତି ତେବେ ସେମାନେ ଯହୁଦୀ ଅଟନ୍ତି ଓ ସ୍ୱୟମଂ ନିଜ ଉପରେ ସେମାନେ ଅତ୍ୟାଚାର କରିଛନ୍ତି, ମୁସା ଆ:ସ ଅତ୍ୟାଚାର କରିଛନ୍ତି ଯେ, ପରମେଶ୍ୱରଙ୍କ ଆଦେଶ ଲାଭ କରି ତୌରାତ୍‌ରେ ଏହି ଶିକ୍ଷା ଦେଇଥିଲେ ଯଦି ଏହା ଅତ୍ୟାଚାର ତେବେ ଏହି ଇସାଇ ରଚନାକାରୀମାନଙ୍କୁ ଆବଶ୍ୟକ କି ମୁସା ଆ:ସଙ୍କୁ ଅତ୍ୟାଚାରି ବୋଲି କୁହନ୍ତୁ ବରଂ ମୁସାଙ୍କ ପରମେଶ୍ୱରଙ୍କୁ ଅତ୍ୟାଚାରି ବୋଲି ଘୋଷଣା କରନ୍ତୁ ଯେ ଏହି ଶିକ୍ଷା ପ୍ରଦାନ କରିଛନ୍ତି ।

ଏହ୍‌ଜାବ୍ ଯୁଦ୍ଧର ପରିସମାପ୍ତି ପରେ ହଜୁର ସ:ଆ:ସ କହିଲେ ଆଜିଠାରୁ ଅମାନ୍ୟକାରୀ ଦଳ ଆମମାନଙ୍କ ଉପରେ ଆଉ ଆକ୍ରମଣ କରିବେ ନାହିଁ ବର୍ତମାନ ଇସ୍‌ଲାମ୍ ସେମାନଙ୍କର ଦୃଢ଼ ଉତର ଦେବ ଏବଂ ସେହି ସମ୍ପ୍ରଦାୟ ଯେ ଆମମାନଙ୍କ ଉପରେ ଆକ୍ରମଣ କରିଥିଲେ ବର୍ତମାନ ଆମେ ସେମାନଙ୍କ ଉପରେ ଆକ୍ରମଣ କରିବା ସୁତରାଂ ଏହିପରି ହିଁ ଘଟିଲା ଏହ୍‌ଜାବ୍ ଯୁଦ୍ଧରେ ଶତୃପକ୍ଷର ସେମିତି କିଛି ବିଶେଷ କ୍ଷତି ଘଟିନଥିଲା ମାତ୍ର କିଛି ସୈନ୍ୟ ନିହତ ହୋଇଥିଲେ । ତେଣୁ ସେମାନେ ପରବର୍ତୀ ବର୍ଷ ପୁନଃ ପ୍ରସ୍ତୁତ ହୋଇ ମୁକାବିଲା ପାଇଁ ଆସିପାରିଥାନ୍ତେ । ୨୦ ହଜାର ସୈନ୍ୟସାମନ୍ତ ସ୍ଥାନରେ ୪୦ ରୁ ୫୦ ହଜାର ଆଣିପାରିଥାନ୍ତେ । ଅଥବା ଲକ୍ଷେ ଦେଢ଼ ଲକ୍ଷ ସେନାର ଆୟୋଜନ କରିପାରିଥାନ୍ତେ । ସେମାନଙ୍କ ପାଇଁ ଏକଥା ବଡ଼ ନଥିଲା କିନ୍ତୁ ୨୧ବର୍ଷ ହେଲା କ୍ରମାଗତ ଭାବରେ ପ୍ରୟାସ କରୁଥିବା ଏହି ଅମାନ୍ୟକାରୀଙ୍କ ମନରେ ଐଶ୍ୱର୍ଯ୍ୟମୟ ପ୍ରଭୁ ମୁହମ୍ମଦ ସ:ଆ:ସଙ୍କ ଅବତାରତ୍ୱକୁ ପ୍ରତିବାଦିତ କରିଥିଲେ ଓ ସେମାନେ ଏହା ହୃଦୟଙ୍ଗମ କରିନେଇଥିଲେ ଯେ ସେମାନଙ୍କ ପ୍ରତିମାଗୁଡ଼ିକର କୌଣସି ବାସ୍ତବିକତା ନାହିଁ ଏବଂ ଐଶ୍ୱର୍ଯ୍ୟମୟ ପ୍ରଭୁ ହିଁ ମୁହମ୍ମଦ ସ:ଆ:ସଙ୍କ ସାଥିରେ ଅଛନ୍ତି । ସମଗ୍ର ସଂସାରର ଜଣେ ହିଁ ସୃଷ୍ଟିକର୍ତା ଅଛନ୍ତି । ଦେଖ ସେମାନଙ୍କ ଶରୀର ସୁସ୍ଥସବଳ ଥିଲା ଅର୍ଥାତ ଅମାନ୍ୟକାରୀମାନଙ୍କର କିନ୍ତୁ ମନ ସମ୍ପୁର୍ଣ୍ଣରୁପେ ଭାଙ୍ଗିପଡ଼ିଥିଲା ଯଦିଚ ସେମାନେ ନିଜ ପ୍ରତିମାଗୁଡ଼ିକ ନିକଟରେ ନତମସ୍ତକ ରହୁଥିଲେ କିନ୍ତୁ ସେମାନଙ୍କ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ହୃଦୟରୁ ଲା ଇଲାହା ଇଲ୍ଲାଲା ର ସ୍ୱର ଗୁଞ୍ଜରିତ ହୋଇ ଉଠୁଥିଲା । ***(ବିବାଚା ତଫ୍‌ସୀରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୦ ପୃ-୨୮୨-୨୮୭)***

ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରୀ ର:ଅ ବର୍ଣ୍ଣନା କରନ୍ତି, କିଛି ଲୋକ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍‌ଙ୍କର ନିଷ୍ପତି ଶୁଣି ଦୁର୍ଗରୁ ବାହାରି ଆସିଲେ, ହଜୁର ସ:ଆ:ସ ସାଆଦ୍‌ଙ୍କୁ ଡ଼କାଇ ପଠାଇଲେ ସେ ଏକ ଗଧ ଉପରେ ଆରୋହଣ କରି ଆସିଲେ ଯେତେବେଳେ ସେ ମସ୍‌ଜିଦ୍‌ର ନିକଟତର ହେଲେ ସେତେବେଳେ ହଜୁର ସ:ଆ:ସ କହିଲେ ତୁମେ ନିଜଠାରୁ ଉତମ ବ୍ୟକ୍ତିର ସ୍ୱାଗତ ପାଇଁ ଦଣ୍ଡାୟମାନ ହୋଇଯାଅ ଅବା ଏପରି କହିଲେ କି ନିଜ ସର୍ଦ୍ଦାରଙ୍କୁ ସ୍ୱାଗତ ଜଣାଅ । ପୁନଶ୍ଚ ହଜୁର କହିଲେ ସାଆଦ୍ ଏମାନେ ଆପଣଙ୍କ ନିଷ୍ପତିରେ ସହମତି ନୁହନ୍ତି ଏଥିରେ ସେ କହିଲେ ତେବେ ସେମାନଙ୍କ ପାଇଁ ଏପରି ପଦକ୍ଷେପ ନବାକୁ ପଡ଼ିବ କି ଯିଏ ଲଢ଼ିବାକୁ ଆସିବ ତାହାର ହତ୍ୟା କରାଯିବ ଏବଂ ତାହା ପରିବାରବର୍ଗଙ୍କୁ କଏଦ୍ କରିଦିଆଯିବ । ହଜୁର ଆହୁରି କହିଲେ ତୁମେ ପ୍ରଭୁଙ୍କ ଉଦ୍ଦେଶ୍ୟ ଅନୁଯାୟୀ ନିଷ୍ପତି ଦେଇଛ ଅବା କହିଲେ ତୁମେ ମହାନ ସମ୍ରାଟଙ୍କ ପରି ନିଷ୍ପତି ଦେଇଛ ଏହା ବୁଖାରୀର ବର୍ଣ୍ଣନା ଅଟେ । ***(ସହୀ ବୁଖାରୀ କିତାବ୍ ମନାକିବୁଲ୍ ଅନ୍‌ସାର୍ ବାବ୍ ମନାକିବ୍ ସାଆଦ୍ ବିନ୍ ମାଆଜ୍ ହଦିସ ନଂ- ୩୮୦୪)***

ଏହାର ଅଧିକ ବ୍ୟାଖ୍ୟା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ବର୍ଣ୍ଣନା କରିଛନ୍ତି ସେଥିରୁ କିଛି ଅଂଶ ମୁଁ ଏଠାରେ ଆଲୋଚନା କରିଦେଉଛି, ଆପଣ ଉଲ୍ଲେଖ କରନ୍ତି ବନୁ କୁରୈଜାର କବିଲାକୁ ଉଣା ଅଧିକ ୨୦ ରୁ ୩୦ ଦିନର ଘେରାଉ ପରେ ଚଣ୍ଡାଳ ଯହୁଦୀମାନେ ଏପରି ବ୍ୟକ୍ତିକୁ ହାକିମ୍ ସ୍ୱୀକାର କରି ଦୁର୍ଗରୁ ବାହାରିବାପାଇଁ ରାଜି ହେଲେ ଯେ ସେମାନଙ୍କ ହଲିଫ୍ ହେବା ସତ୍ୱେ ସେମାନଙ୍କ ବିଶ୍ୱାସଘାତକତା ଓ ଅପକର୍ମ ଯୋଗୁଁ ସେମାନଙ୍କ ପାଇଁ ନିଜ ହୃଦୟରେ ଦୟାର କାଣିଚିଏ ଭାବ ଦେଖିବାକୁ ପାଉନଥିଲା । ଯଦିଚ ସେ ନ୍ୟାୟର ପ୍ରତିମୂର୍ତି ଥିଲା ଅର୍ଥାତ ସାଆଦ୍ ର:ଅ କିନ୍ତୁ ତାହା ହୃଦୟରେ ଅଶେଷ ଦୟାବାନଙ୍କ ପରି ଦୟା ଓ କ୍ଷମାଭାବ ନଥିଲା ଅର୍ଥାତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫାଙ୍କ ପରି ତାଙ୍କ ମନରେ ଦୟା ଓ କ୍ଷମାଭାବନା  ନଥିଲା । ଏହାର ବ୍ୟାଖ୍ୟା ଏପରି ରହିଛି କି ଓ୍ୱସ୍ କବିଲା ବନୁ କୁରୈଜାର ପୁରାତନ ହଲିଫ୍ ଥିଲା । ସେତେବେଳେ ଉକ୍ତ କବିଲାର ସର୍ଦ୍ଦାର ସାଆଦ୍ ବିନ୍ ମୁଆଜ୍ ଥିଲେ ଯିଏ ଖନ୍ଦକ ଯୁଦ୍ଧରେ କ୍ଷତବିକ୍ଷତ ହୋଇ ମସ୍‌ଜିଦ୍‌ର ପ୍ରାଙ୍ଗଣରେ ଚିକିତ୍ସିତ ହେଉଥିଲେ । ସେହି ପୁରାତନ ବନ୍ଧୁତ୍ୱକୁ ରକ୍ଷା କରି ଅର୍ଥାତ ବଜାୟ ରଖି ବନୁ କୁରୈଜା ସାଆଦ୍‌ଙ୍କୁ ନିଜର ହାକିମ ମଣିଥିଲେ ଏବଂ ସେ ଯାହା ନିଷ୍ପତି ଦେବେ ତାହା ସେମାନେ ଅବଲମ୍ବନ କରିବେ ବୋଲି ସ୍ୱୀକାରୋକ୍ତି ପ୍ରକାଶ କରିଥିଲେ କିନ୍ତୁ ସେମାନଙ୍କ ମଧ୍ୟରେ କିଛି ଏପରି ଲୋକ ମଧ୍ୟ ଥିଲେ ଯେ ନିଜ ଗୋଷ୍ଠୀର ନିଷ୍ପତିକୁ ସଠିକ ମଣୁନଥିଲେ ଏବଂ ନିଜକୁ ଦୋଷି ଜାଣି ଇସ୍‌ଲାମକୁ ହୃଦୟରୁ ଗ୍ରହଣ କରିନେଇଥିଲେ । ଇତିହାସରୁ ଜଣାଯାଉଛି ଯେ, ଏମାନଙ୍କ ସଂଖ୍ୟା ତିନି ଥିଲା ସେମାନେ ବହୁତ ଖୁସିରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଯାଇଥିଲେ ଆଉ ଜଣେ ଯଦିଚ ମୁସଲମାନ ହୋଇନଥିଲେ  କିନ୍ତୁ ନିଜ ଗୋଷ୍ଠୀର ବିଶ୍ୱାସଘାତକତା ଯୋଗୁଁ ଏଭଳି ଲଜ୍ଜିତ ଥିଲେ ଯେ, ଯେତେବେଳେ ବନୁ କୁରୈଜା ହଜୁର ସ:ଆ:ସଙ୍କ ସହିତ ଯୁଦ୍ଧ କରିବାପାଇଁ ବାହାରିଲେ ସେତେବେଳେ ସେ ଏହିକଥା କହି ଦୁର୍ଗରୁ ଚାଲିଆସିଲେ କି ମୋ କୌମ୍ ବିଶ୍ୱାସ ଘାତକତା କରିଛି ଏବଂ ମୁଁ ବିଶ୍ୱାସଘାତିଙ୍କ ସହ ସାମିଲ ହୋଇ ରହିପାରିବି ନାହିଁ । ଏପରି କି ସେ ମଦିନା ଛାଡ଼ି ଚାଲିଯାଇଥିଲେ କିନ୍ତୁ ଅନ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ ଏବଂ ସାଆଦ୍‌ଙ୍କୁ ନିଜର ତୃତୀୟପକ୍ଷ କରିବାକୁ ଜିଦ୍ ଧରି ବସିଥିଲେ ଏବଂ ହଜୁର ସ:ଆ:ସ ମଧ୍ୟ ତାଙ୍କର ଏହି ପ୍ରସ୍ତାବକୁ ସ୍ୱୀକାର କରିନେଇଥିଲେ । ଯେପରି କି ପୂର୍ବରୁ ଚର୍ଚ୍ଚା ହୋଇସାରିଛି ଅତଏବ ସାଆଦ୍‌ଙ୍କୁ ଆଣିବାପାଇଁ ଆପଣ ସ:ଆ:ସ କିଛି ସାହାବାଙ୍କୁ ପ୍ରେରଣ କଲେ ଏବଂ ସାଆଦ୍ ଆସିଲେ ଏବଂ ରାସ୍ତାରେ ହିଁ ତାଙ୍କ ଗୋଷ୍ଠୀର ଲୋକ ତାଙ୍କ ନିକଟରେ ଏହି ଇଚ୍ଛା ପ୍ରକାଶ କରିଥିଲେ ଏବଂ ବାରମ୍ବାର ନିବେଦନ ମଧ୍ୟ କରୁଥିଲେ ଯେ ବନୁ କୁରୈଜା ଆମର ହଲିଫ ତେଣୁ ଏକଥା ଧ୍ୟାନ ରଖିବେ । ଯେପରି ଖଜ୍‌ରଜ୍ ବୁନ କେନ୍‌କାଆ ସହ ନମ୍ର ଆଚରଣ କରୁଥିଲେ ସେହିପରି ତୁମେ ବନୁ କୁରୈଜା ସହ ନମ୍ର ଆଚରଣ କରିବ । ତାଙ୍କୁ କଠୋର ଦଣ୍ଡ ଦେବନାହିଁ । ପ୍ରଥମେ ତ ସାଆଦ୍ ନୀରବତାର ସହ ସେମାନଙ୍କର ସମସ୍ତ କଥା ଶୁଣିଥିଲେ କିନ୍ତୁ ଯେତେବେଳେ ସେମାନେ ଏହି କଥା ବାରମ୍ବାର କହିଲେ ସେତେବେଳେ ସାଆଦ୍ ନ୍ୟାୟ ବିଚାର ସମୟରେ ପକ୍ଷପାତ ନ କରିବା ଓ କାହାର ଅଭିଷାପ ଓ ଅପନିନ୍ଦାର ଖାତିର୍ ନ କରିବାର ସ୍ପଷ୍ଟୋକ୍ତି ଦର୍ଶାଇ ଦେଲେ । ସାଆଦ୍‌ଙ୍କର ଏହି ଉତର ଶୁଣିବାପରେ ସେମାନେ ନିରବ ହୋଇଯାଇଥିଲେ ।

ସେ ଯାହା ହେଉ ଯେତେବେଳେ ସାଆଦ୍ ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲେ ହଜୁର ସାହାବାମାନଙ୍କୁ କହିଲେ ନିଜ ଦଳପତିଙ୍କ ପାଇଁ ସମ୍ମାନପୂର୍ବକ ଛିଡ଼ା ହୋଇଯାଅ ଓ ବାହନରୁ ଓହ୍ଲାଇବାରେ ତାଙ୍କୁ ସାହାଯ୍ୟ କର । ତା'ପରେ ହଜୁର ସ:ଆ:ସ ସାଆଦ୍‌ଙ୍କୁ କହିଲେ ବନୁ କୁରୈଜା ତୁମକୁ ନିଜର ହାକିମ୍ ଧାର୍ଯ୍ୟ କରିଛନ୍ତି ତାଙ୍କ ପକ୍ଷରେ ତୁମେ ଯାହା ରାୟ ଦେବ ତାହା ସେମାନେ ଗ୍ରହଣ କରିନେବେ । ଏଥିଅନ୍ତେ ସାଆଦ୍ ପ୍ରଥମେ ନିଜ ଗୋଷ୍ଠୀକୁ କହିଲେ ହେ ମୋର ଗୋଷ୍ଠୀ ସମୁହ କଣ ତୁମେମାନେ ପ୍ରତିଜ୍ଞା କରୁଛ କି ଯାହା ମୁଁ ନିଷ୍ପତି ଦେବି ତୁମେମାନେ ତାହାର ପାଳନ କରିବ ? ସେମାନେ ଉତର ଦେଲେ ହଁ, ଆମେ ପ୍ରତିଜ୍ଞା କରୁଛୁ । ଏ ସମ୍ବନ୍ଧରେ ପୂର୍ବରୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ କଥନ ବର୍ଣ୍ଣନା ହୋଇସାରିଛି । ଏଥିଅନ୍ତେ ସାଆଦ୍ ଯେଉଁ ସ୍ଥଳେ ହଜୁର ସ:ଆ:ସ ବିରାଜମାନ ଥିଲେ ଇଙ୍ଗିତ କରି କହିଲେ ହେ ମହାମହିମ କଣ ଆପଣ ମଧ୍ୟ ଏହିପରି ଶପଥ କରୁଛନ୍ତି କି ମୋ ନିଷ୍ପତି ଅନୁଯାୟୀ କାର୍ଯ୍ୟ କରିବେ ? ଅର୍ଥାତ ତାହାର ପାଳନ କରିବେ ? ଏଥିରେ ହଜୁର ସ:ଆ:ସ ମଧ୍ୟ କହିଲେ ହଁ ମୁଁ ଶପଥ କରି କହୁଛି ଯେ, ମୁଁ ତାହାର ପାଳନ କରିବି ।

ଏହି ଔପଚାରିକ ପ୍ରଥା ଅନ୍ତେ ସାଆଦ୍ ନିଜର ନିଷ୍ପତି ଦେଲେ ଯେ ବନୁ କୁରୈଜାର ଯୁଦ୍ଧ ପ୍ରବଣ ଲୋକଙ୍କୁ ହତ୍ୟା କରିଦିଆଯାଉ ଏବଂ ତାଙ୍କ ମହିଳା ଓ ପିଲାମାନଙ୍କୁ କଏଦ୍ କରିଦିଆଯାଉ ତଥା ତାଙ୍କ ଧନସମ୍ପତି ମୁସଲମାନମାନଙ୍କ ମଧ୍ୟରେ ବାଂଟି ଦିଆଯାଉ । ତାଙ୍କର ଏହି ରାୟ ଶୁଣିବାମାତ୍ରେ ହଜୁର ସ:ଆ:ସ ସଙ୍ଗେସଙ୍ଗେ କହି ଉଠିଲେ ତୁମର ଏହି ନିଷ୍ପତି ନିଶ୍ଚିତରୂପେ ପ୍ରଭୁଙ୍କ ଧାର୍ଯ୍ୟ ବିଧାନ ଯାହା ଟଳିପାରିବ ନାହିଁ । ଏପରି କହିବାରେ ଆପଣ ସ:ଆ:ସଙ୍କ ଉଦ୍ଦେଶ୍ୟ ଏହା ଥିଲା କି ବୁନ କୁରୈଜାଙ୍କ ଏହି ପ୍ରସଙ୍ଗ ପ୍ରଭୁଙ୍କ ନିର୍ଦ୍ଦେଶ କ୍ରମେ ଘଟୁଅଛି । ତେଣୁ ଆପଣ ସ:ଆ:ସଙ୍କ ପରବେଶ ଗୁଣ ସେପରି କରିବାକୁ ବାଧା ଦେଇପାରିବ ନାହିଁ କାରଣ ବନୁ କୁରୈଜାର ବନୁ ଲବାବାଙ୍କୁ ପରାମର୍ଶ ପାଇଁ ଡ଼କାଇବା ପୁଣି ଅବୁ ଲବାବାଙ୍କ ମୁଖରୁ ଏପରି ଉକ୍ତି ବାହାରିଯିବା ତାହାକି ସମ୍ପୂର୍ଣ୍ଣରୂପେ ଭିତିହୀନ ପୁନଶ୍ଚ ସେମାନଙ୍କ ହଜୁର ସ:ଆ:ସଙ୍କୁ ହାକିମ୍ ମାନିବାକୁ ଅସ୍ୱୀକାର କରିବା ସାଆଦ୍‌ଙ୍କୁ ନିଜର ହାକିମ୍ ଚୟନ କରିବା ଏଥିଅନ୍ତେ ସାଆଦ୍‌ଙ୍କର ନ୍ୟାୟମାର୍ଗରେ ସୁଦୃଢ଼ ରହିବା ଯେତେବେଳେ କି ସ୍ୱଗୋଷ୍ଠୀର ଲୋକେ ପକ୍ଷପାତ କରିବାପାଇଁ ଜିଦ୍ ଧରିବସିଥିଲେ ପୁଣି ନିଜର ମତପ୍ରକାଶ କରିବା ପୂର୍ବରୁ ସମସ୍ତ ପକ୍ଷଠାରୁ ଅର୍ଥାତ ତିନିପକ୍ଷଠାରୁ ନିଜର ରାୟ ମୁତାବକ କାର୍ଯ୍ୟ କରିବାପାଇଁ ଶପଥ ନେବା ଏ ସମସ୍ତ କଥା ଦର୍ଶାଉଛି ଯେ, ପ୍ରଭୁଙ୍କ ଇଚ୍ଛା ଅନୁଯାୟୀ ଏ ସବୁ ଘଟୁଥିଲା ଏବଂ ନିଷ୍ପତି ପରମେଶ୍ୱରଙ୍କର ହିଁ ଥିଲା ନା' କି ସାଆଦ୍‌ଙ୍କର ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି, ଏପରି ଜଣାପଡୁଛି ଯେ, ବନୁ କୁରୈଜାର ପ୍ରତିଶୃତି ଭଙ୍ଗ, ବିଶ୍ୱାସଘାତକାତ, ବିଦ୍ରୋହ, ବିଶୃଙ୍ଖଳା, ହତ୍ୟା ଓ ରକ୍ତପାତମୂଳକ ଆଚରଣର ପରିଣାମ ପ୍ରଭୁଙ୍କ ଅଦାଲତରେ ଏହି ନିଷ୍ପତି ପାରିତ ହୋଇସାରିଥିଲା କି ତାଙ୍କ ଅସ୍ତିତ୍ୱକୁ ସଂସାରରୁ ପୂର୍ଣ୍ଣରୂପେ ଲିଭାଇ ଦିଆଯାଉ । ସୁତରାଂ ପ୍ରାରମ୍ଭରେ ହଜୁର ସ:ଆ:ସଙ୍କୁ ଏହା ଦୈବି ଆଭାଷ ମିଳିବା ମଧ୍ୟ ପ୍ରକାଶ କରୁଅଛି ଯେ ଏହା ପ୍ରଭୁଙ୍କ ଅଟଳ ବିଧାନ ଥିଲା କିନ୍ତୁ ପ୍ରଭୁଙ୍କୁ ଏହା ସ୍ୱୀକାର ନଥିଲା ଯେ ଏହା ହଜୁର ସ:ଆ:ସଙ୍କ ଦ୍ୱାରା ସାଦର ହେଉ ଏବଂ ସେ ଏହି ନିଷ୍ପତି ଦିଅନ୍ତୁ । ଅତଏବ୍ ସେ ଏଥିରୁ ହଜୁର ସ:ଆ:ସଙ୍କୁ ସମ୍ପୂର୍ଣ୍ଣରୂପେ ପୃଥକ କରିଦେଇଥିଲେ ଏବଂ ସାଆଦ୍‌ଙ୍କ ତରଫରୁ ଏହି ଘୋଷଣା କରାଇଥିଲେ ଏବଂ ଏଭଳି ଢ଼ଙ୍ଗରେ କରାଇଥିଲେ କି ହଜୁର ସ:ଆ:ସ ସେଥିରେ ନିମିତ ମାତ୍ର ଦଖଲ ଦେଇପାରିନଥିଲେ କାରଣ ଆପଣଙ୍କ ଠାରୁ ମଧ୍ୟ ଶପଥ ନିଆଯାଇଥିଲା ଯେ ନିଷ୍ପତିର ପାଳନ କରିବେ ଏବଂ ଯେହେତୁ ଉକ୍ତ ନିଷ୍ପତିର ପ୍ରଭାବ କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ପଡୁନଥିଲା ବରଂ ସମସ୍ତ ମୁସଲମାନମାନଙ୍କ ଉପରେ ପଡୁଥିଲା । ତେଣୁ ଆପଣ ନିଜର ଅଧିକାର ସାବ୍ୟସ୍ତ କରିନଥିଲେ କି ନିଜ ରାୟ ଜରିଆରେ, ତାହା କିଭଳି ନମ୍ର ଓ ଦୟାପ୍ରସଙ୍ଗ ହେଉନା କାହିଁକି ସେହି ନିଷ୍ପତିକୁ ବଦଳାଇ ଦେବେ ଅତଏବ ଏହା ହିଁ ପ୍ରଭୁଙ୍କ ଲୀଳା ଥିଲା ଯଦ୍ୱାରା ଆପଣ ପ୍ରଭାବିତ ହୋଇ ବହୁତ ଉତ୍ସାହିତ ହୋଇ କହିଉଠିଲେ । ବହୁକ୍‌ମେ ଲିଲ୍ଲାହ ଅର୍ଥାତ ହେ ସାଆଦ୍ ତୁମର ଏହି ନିଷ୍ପତି ପରମେଶ୍ୱରଙ୍କର ବିଧାନ ଅଟେ । ଯାହାକୁ କେହି ବଦଳାଇ ପାରିବାର ସାମର୍ଥ୍ୟ ରଖୁନାହାନ୍ତି ।

ଉକ୍ତ ଶବ୍ଦ କହି ହଜୁର ସ:ଆ:ସ ସେଠାରୁ ଉଠି ନୀରବତାର ସହ ସହର ଅଭିମୁଖେ ବାହାରିପଡ଼ିଲେ ଏବଂ ସେତେବେଳେ ଆପଣଙ୍କ ହୃଦୟ ଦରଦ୍‌ର ବ୍ୟଗ୍ରତାରେ ଉନ୍ମାଦିତ ହୋଇଉଠିଥିଲା କି ଏକ ଗୋଷ୍ଠୀ ଯିଏ ବିଶ୍ୱାସ ଆଣିବା ପ୍ରସଙ୍ଗରେ ଆପଣଙ୍କ ମନରେ ପ୍ରବଳ ଆଶା ଭରି ରହିଥିଲା କି ସେମାନେ ବିଶ୍ୱାସ ଆଣିନେବେ କିନ୍ତୁ ସେମାନେ ନିଜର ଅପକର୍ମ ଯୋଗୁଁ ବିଶ୍ୱାସରୁ ବଂଚିତ ରହି ଅଲ୍ଲାଃ ତାଲାଙ୍କ କୋପ ତଥା ଶାସ୍ତିର ସରବ୍ୟ ହୋଇଗଲା । ଏବଂ ପ୍ରାୟତଃ ସେହି ଅବସରରେ ଆପଣ ଉତ୍କଣ୍ଠିତ ପୂର୍ଣ୍ଣ ଶବ୍ଦରେ କହିଲେ କି ଯହୁଦୀମାନଙ୍କ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ମଧ୍ୟରୁ ଯଦି ମୋ ଉପରେ ଦଶଜଣ ପ୍ରଭାବଶାଳୀବ୍ୟକ୍ତି  ବିଶ୍ୱାସ ନେଇଆସିଥାନ୍ତେ ତାହା ହେଲେ ମୁଁ ଅଲ୍ଲାଃ ତାଲାଙ୍କ ନିକଟରେ ଏହା ଆଶା ବାନ୍ଧିଥିଲି କି ସେହି ସମସ୍ତ ଗୋଷ୍ଠୀ ମୋ ଉପରେ ବିଶ୍ୱାସ ସ୍ଥାପନ କରିନିଅନ୍ତେ ଏବଂ ଅଲ୍ଲାଃ ତାଲାଙ୍କ ଶାସ୍ତିରୁ ସେମାନେ ବର୍ତି ଯାଇଥାନ୍ତେ । ସେ ଯାହା ହେଉନା କାହିଁକି ହଜୁର ସେଠାରୁ ଉଠିବା ମାତ୍ରେ ଏହି ଆଦେଶ ଦେଲେ ଯେ, ବନୁ କୁରୈଜାର ମହିଳା ଓ ପୁରୁଷମାନଙ୍କୁ ପୃଥକ ପୃଥକ କରିଦିଆଯାଉ ସୁତରାଂ ଉଭୟ ଦଳକୁ ପୃଥକ ପୃଥକ କରି ମଦିନାକୁ ଅଣାଗଲା ଏବଂ ସହରରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଏକତ୍ରିତ କରାଗଲା ଏବଂ ହଜୁର ସ:ଆ:ସଙ୍କ ଆଦେଶ ଅନୁଯାୟୀ ସାହାବାମାନେ ଯେଉଁମାନଙ୍କ ମଧ୍ୟରୁ ଅନେକ ଲୋକ ଭୋକିଲା ରହିଥିଲେ ତଥାପି ସେମାନେ ବନୁ କୁରୈଜାର ଭୋଜନ ନିମନ୍ତେ ଗଦା ଗଦା ଫଳମୂଳ ଉପଲବ୍ଧ କରାଇଲେ ଅର୍ଥାତ ତାହାର ବ୍ୟବସ୍ଥା କରାଇଲେ ଏବଂ ଉଲ୍ଲେଖ ରହିଛି କି ୟହୁଦୀମାନେ ଅହରାତ୍ର ଉକ୍ତ ଫଳମୂଳ ସେବନ କରିବାରେ ବ୍ୟସ୍ତ ରହିଥିଲେ । ପରବର୍ତୀ ଦିନ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ବିଚାର ସଂଚାଳନ ହେବାର ଥିଲା ଅର୍ଥାତ କାର୍ଯ୍ୟକାରୀ ହେବାର ଥିଲା । ଉକ୍ତ କାର୍ଯ୍ୟ ନିମନ୍ତେ ହଜୁର ସ:ଆ:ସ କେତେକ ତତ୍ପର ଓ ଦାୟିତ୍ୱବାନ ଲୋକଙ୍କୁ ଉକ୍ତ ଦାୟିତ୍ୱଭାରକୁ ସମ୍ପାଦନ କରିବା ନିମନ୍ତେ ନିଯୁକ୍ତ କରିଥିଲେ ଏବଂ ନିଜେ ମଧ୍ୟ ଗୋଟିଏ ସ୍ଥାନରେ ଯାଇ ବିରାଜମାନ ହୋଇଥିଲେ କାରଣ ଯଦି ବିଚାର ସମୟରେ ଏଭଳି କୌଣସି ଅପ୍ରିତିକର କଥା ଉପୁଜେ ତେବେ ହଜୁର ସ୍ୱୟମଂ ନିର୍ଦ୍ଦେଶ ଦେବେ ଓ ନିର୍ଦ୍ଦେଶ ଦେଇପାରିବେ ସେହିପରି ଯଦି କୌଣସି ଅଭିଯୁକ୍ତ ସମ୍ପର୍କରେ କୌଣସି ବ୍ୟକ୍ତି ପକ୍ଷରୁ କ୍ଷମା ନିମନ୍ତେ ଅପିଲ ହୁଏ ତେବେ ହଜୁର ସ:ଆ:ସ ସଙ୍ଗେ ସଙ୍ଗେ ତାହାର ଉଚିତ ବିଚାର କରିପାରିବେ କାରଣ ସାଆଦ୍‌ଙ୍କର ନିଷ୍ପତି ଉପରେ ନ୍ୟାୟିକ ଦୃଷ୍ଟିକୋଣରୁ ଆପଣଙ୍କ ନିକଟରେ ଉପସ୍ଥାପିତ ହେବା ସମ୍ଭବ ନଥିଲା କିନ୍ତୁ ଜଣେ ମହାରାଜା କିମ୍ବା ରାଷ୍ଟ୍ରପତି ହିସାବରେ ହଜୁର ସ:ଆ:ସ କୌଣସି ବ୍ୟକ୍ତି ସମ୍ପର୍କରେ କୌଣସି ବିଶେଷ କାରଣ ଯୋଗୁଁ କ୍ଷମାର ଅପିଲ ନିଶ୍ଚିତରୂପେ ଶୁଣିବା ଯୁକ୍ତିସଙ୍ଗତ ଥିଲା । ସେ ଯାହା ହେଉ ନା କାହିଁକି ହଜୁର ସ:ଆ:ସ କ୍ଷମାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ମଧ୍ୟ ଆଦେଶ ଦେଲେ କି ଅଭିଯୁକ୍ତଙ୍କୁ ଗୋଟିଏ ଗୋଟିଏ କରି ବନ୍ଧ କରାଯାଉ ଅର୍ଥାତ ହତ୍ୟା କରାଯାଉ । ସୁତରାଂ ଅଭିଯୁକ୍ତମାନଙ୍କୁ ଦଶଜଣ କରି ଅଣାଗଲା ଏବଂ ସାଆଦ୍ ବିନ୍ ମୁଆଜ୍‌ଙ୍କର ଚୁଡ଼ାନ୍ତ ନିଷ୍ପତି କ୍ରମେ ସେମାନଙ୍କୁ ହତ୍ୟାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

ବନୁ କୁରୈଜାର ଘଟଣା ସମ୍ପର୍କରେ କେତେକ ଅଣମୁସ୍‌ଲିମ୍ ଐତିହାସିକବିତ୍ ମାନେ ଅତ୍ୟନ୍ତ ଅପ୍ରସଙ୍ଗିକ ଉପାୟରେ ହଜୁର ସ:ଆ:ସଙ୍କ ବିରୋଧରେ ଆପତି କରନ୍ତି କିମ୍ବା ସେମାନେ ହଜୁର ସ:ଆ:ସଙ୍କ ଉପରେ ଆକ୍ରମଣ କରନ୍ତି ଏବଂ ପ୍ରାୟ ଚାରିଶହ ୟହୁଦୀଙ୍କ ନିହତ ଯୋଗୁଁ ହଜୁର ସ:ଆ:ସଙ୍କୁ ନୌଜୁବିଲା ଅତ୍ୟାଚାରୀ ଓ କ୍ରୁର ରକ୍ତପାତି ରୂପେ ଉପସ୍ଥାପିତ କରାଉଛନ୍ତି ଅବା ଅଭିଯୋଗ କରୁଛନ୍ତି କିନ୍ତୁ ଆମର ଜଣେ ଗବେଷକଙ୍କର ଏହା ମଧ୍ୟ ଗବେଷଣା ରହିଛି ଯେ, ଯେଉଁ ୟହୁଦୀମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ସେମାନଙ୍କ ସଂଖ୍ୟା ପ୍ରକୃତପକ୍ଷେ ୧୬ କିମ୍ବା ୧୭ ଥିଲା । କିନ୍ତୁ ସେ ଯାହା ହେଉ ନା କାହିଁକି ତାହା ବର୍ତମାନ ମଧ୍ୟ ଗବେଷଣା ସାପେକ୍ଷ କେଉଁ ଗବେଷକ ସେମାନଙ୍କ ସଂଖ୍ୟା ଏକଶହ ଉଲ୍ଲେଖ କରିଛି ତ, ଅନ୍ୟ କେହି ଏକହଜାର ଓ ନଅଶହ ଉଲ୍ଲେଖ କରିଛନ୍ତି । ସେ ଯାହା ହେଉ ନା କାହିଁକି ତାହା ସଠିକ୍ ସଂଖ୍ୟା ନୁହେଁ ଯାହାକି ଦର୍ଶା ଯାଇଛି । ଏଣୁ ସେହି ସଂଖ୍ୟା ଯଦି ଚାରିଶହ ବି ହୁଏ ତେବେ ଏହି ଆପତି ମୁଳରେ କେବଳ ଧାର୍ମିକ ପକ୍ଷପାତିତା ଅର୍ନ୍ତନିହିତ ରହିଛି । ଯେଉଁଠି ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ସଂସ୍ଥାପକଙ୍କର ପ୍ରଶ୍ନ ରହିଛି ଅନେକ ପ୍ରାଶ୍ଚାତ୍ୟ ଅନୁସରଣ ସଂସ୍କାରି, ଐତିହାସିକମାନେ ମଧ୍ୟ ସ୍ୱାଧିନ ହୋଇପାରିନାହାନ୍ତି । ସେମାନେ ମଧ୍ୟ ହଜୁର ସ:ଆ:ସଙ୍କ ଉପରେ ଏହି ଆକ୍ଷେପ କରିଥାନ୍ତି । ଉକ୍ତ ଆପତିର ଉତରରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ପ୍ରଥମତଃ ଏହା ମନେରଖିବା ଉଚିତ ଯେ ବନୁ କୁରୈଜା ସପକ୍ଷରେ ହଜୁର ସ:ଆ:ସଙ୍କର ଯେଉଁ ନିଷ୍ପତିକୁ କୃର ଓ ଅତ୍ୟାଚାରୀତା କୁହାଯାଉଛି ତାହା ସାଆଦ୍ ବିନ୍ ମୁଆଜ୍‌ଙ୍କର ନିଷ୍ପତି ଥିଲା, ହଜୁର ସ:ଆ:ସଙ୍କର ନୁହେଁ ସୁତରାଂ ଯେତେବେଳେ ତାହା ହଜୁର ସ:ଆ:ସଙ୍କ ଦ୍ୱାରା ବିଚାର ହୋଇନଥିଲା ଓ ନିଷ୍ପତି ନଥିଲା ସେତେବେଳେ ତାହା ଉପରେ ଆପତି କରିବାର କୌଣସି ପ୍ରଶ୍ନ ହିଁ ଉଠୁନାହିଁ । ଦ୍ୱିତୀୟରେ ଉକ୍ତ ନିଷ୍ପତିଟି ଉକ୍ତ ପରିସ୍ଥିତି ଅନୁକୂଳ କଦାପି ଭୁଲ୍ ଓ କ୍ରୁରତାମୂଳକ ନଥିଲା । ତୃତୀୟତଃ ଏହା ଯେ ସେହି ଶପଥ ଯୋଗୁଁ ଯାହାକି ସାଆଦ୍ ନିଷ୍ପତି ନେବା ପୂର୍ବରୁ ହଜୁର ସ:ଆ:ସଙ୍କଠାରୁ ନେଇସାରିଥିଲେ ଯେ, ସାଆଦ୍ ଯାହା ନିଷ୍ପତି ଦେବେ ହଜୁର ତାହା ପାଳନ କରିବେ ଏବଂ ତାହା ପାଳନ କରିବାପାଇଁ ସେ ବିବଶ ଥିଲେ । ତେଣୁ ଯାହା ହେଉ ନା କାହିଁକି ତାହାର କାର୍ଯ୍ୟକାରୀ କରିବାରେ ହଜୁର ସ:ଆ:ସଙ୍କର କୌଣସି ଦଖଲ ନଥିଲା । ଚତୁର୍ଥ ଏହା ଯେ, ଅଭିଯୁକ୍ତମାନେ ସ୍ୱୟମଂ ଏହା ସ୍ୱୀକାର କରିଥିଲେ ଏବଂ ଏହା ଉପରେ ଆପତି କଲେ ନାହିଁ ଏବଂ ତାହାକୁ ନିଜର କପାଳ ଲିଖନ ବୋଲି ମନେକରି ଗ୍ରହଣ କରିନେଇଥିଲେ ତେବେ ଏପରି ପରିପ୍ରେକ୍ଷୀରେ ଆପଣଙ୍କର ଏହା କର୍ତବ୍ୟ ନଥିଲା ଯେ, ଅଯଥାରେ ଉକ୍ତ ମାମଲାରେ ହସ୍ତକ୍ଷେପ କରିଥାନ୍ତେ । ସାଆଦ୍‌ଙ୍କ ବିଚାର ପରେ ଉକ୍ତ ମାମଲା ସହିତ ହଜୁର ସ:ଆ:ସଙ୍କର ସମ୍ପର୍କ କେବଳ ଏତିକି । ଥିଲା ଯେ ହଜୁର ସ:ଆ:ସ ଜଣେ ନ୍ୟାୟବନ୍ତ ଶାସନଧିନ ସମ୍ରାଟ ହିସାବରେ ତାଙ୍କ ନିଷ୍ପତି ଉପରେ କାର୍ଯ୍ୟକାରୀ କରିବା ତାଙ୍କ ନିଷ୍ପତିକୁ ପ୍ରଣୟନ କରିବା ଆପଣଙ୍କ ଦାୟିତ୍ୱ ଥିଲା । ତେଣୁ ତାହା ଦୟା ଏବଂ ଆନ୍ତରିକତାର ସର୍ବଶ୍ରେଷ୍ଠ ଉଦାହରଣ ରୂପେ ଗ୍ରହଣ କରାଯାଇପାରେ ଅର୍ଥାତ ଯେପରି ସେହି ଲୋକମାନଙ୍କୁ ଉକ୍ତ ଦଣ୍ଡରେ ଦଣ୍ଡିତ କରାଯାଇନାହିଁ । ଯେପର୍ଯ୍ୟନ୍ତ ସେମାନଙ୍କୁ ଉକ୍ତ ଦଣ୍ଡରେ ଦଣ୍ଡିତ କରାଯାଇନାହିଁ ସେ ପର୍ଯ୍ୟନ୍ତ ସେମାନେ କାରାବାସରେ ରହିଛନ୍ତି । ସେ ପର୍ଯ୍ୟନ୍ତ ହଜୁର ସ:ଆ:ସ ସେମାନଙ୍କର ଭରଣପୋଷଣର ଦାୟିତ୍ୱ ନିର୍ବାହ କରିବାରେ ଅତି ଉତମ ଓ ତାହାର ସୁବ୍ୟବସ୍ଥା କରିଥାନ୍ତେ । ଯାହାକି ହଜୁର ସ:ଆ:ସ ସୁଚାରୁରୂପେ କରିଥିଲେ ଏବଂ ଯେତେବେଳେ ସେମାନଙ୍କ ଉପରେ ସାଆଦ୍‌ଙ୍କର ବିଚାର କାର୍ଯ୍ୟକାରୀ ହେବାକୁ ଲାଗିଲା ସେତେବେଳେ ହଜୁର ତାଙ୍କୁ ଏଭଳି ଭାବରେ ପ୍ରଣୟନ କଲେ କି ତାହା ଅଭିଯୁକ୍ତ ମାନଙ୍କ ପାଇଁ ସର୍ବନିମ୍ନ ଯନ୍ତ୍ରଣାଦାୟକ ଥିଲା । ଅର୍ଥାତ ପ୍ରଥମତଃ ସେମାନଙ୍କର ଆବେଗକୁ ଧ୍ୟାନରେ ରଖି ଏହି ଆଦେଶ ଦେଲେ ଯେ, ଜଣେ ଅଭିଯୁକ୍ତର ହତ୍ୟା ଅର୍ଥାତ ମୃତ୍ୟୁଦଣ୍ଡ ଦେବାପରେ ଆଉ ଜଣେ ଅଭିଯୁକ୍ତକୁ ସେଠାରେ ଉପସ୍ଥିତ କରାଯାଉ । ଦୁଇଜଣଙ୍କୁ ଏକତ୍ର ଅଣାନଯାଉ ବରଂ ଇତିହାସରୁ ଏହା ଜଣାପଡ଼େ ଯେ, ଯେଉଁ ଅଭିଯୁକ୍ତ ମାନଙ୍କୁ ହତ୍ୟାସ୍ଥଳକୁ ଅଣାଗଲା ସେତେବେଳେ ସେମାନଙ୍କୁ ଏହା ଜଣାନଥିଲା ଯେ ସେମାନେ କୁଆଡ଼େ ଯାଉଛନ୍ତି । ଏହା ବ୍ୟତିତ ଯେଉଁ ବ୍ୟକ୍ତିପାଇଁ ବି ହଜୁର ସ:ଆ:ସଙ୍କ ନିକଟରେ କ୍ଷମା ର ଅପିଲ ଆଗତ ହୋଇଥିଲା ସେ ସେତେବେଳେ ହଜୁର ତାହାକୁ ସଙ୍ଗେସଙ୍ଗେ ସ୍ୱୀକାର କରିନେଇଥିଲେ ଏବଂ ନା କେବଳ ସେମାନଙ୍କୁ କ୍ଷମା ଦେଇଥିଲେ ବରଂ ସେମାନଙ୍କ ସ୍ତ୍ରୀ ଓ ପିଲାଛୁଆ ତଥା ଧନସମ୍ପତି ସମ୍ପର୍କରେ ମଧ୍ୟ ଏହି ଆଦେଶ ଦେଇଥିଲେ ଯେ, ସେମାନଙ୍କୁ ସେମାନଙ୍କର ଧନସମ୍ପତି ପିଲାଛୁଆ ସମସ୍ତ ଜିନିଷ ସେମାନଙ୍କର ଫେରସ୍ତ କରିଦିଆଯାଉ । ଅତଏବ ଏଥିମୁତାବକ କାର୍ଯ୍ୟକାରି ହୋଇଥିଲା ସୁତରାଂ ଜଣେ ଅପରାଧି ଓ ଅଭିଯୁକ୍ତଙ୍କ ସହିତ ଏହାଠୁ ବଳି ଦୟା ଓ ନମ୍ର ଆଚରଣ ଆଉ ବା କଣ ହୋଇପାରେ । ଅତଏବ ବନୁ କୁରୈଜାର ଘଟଣା ସଂକ୍ରାନ୍ତରେ କେବଳ ହଜୁର ସ:ଆ:ସଙ୍କ ଉପରେ କଦାପି କୌଣସି ଆପତି ପ୍ରମାଣିତ ହୋଇପାରିବ ନାହିଁ । ବରଂ ସତ୍ୟ ଏହା ଯେ ଉକ୍ତ ଘଟଣା ହଜୁର ସ:ଆ:ସଙ୍କ ସର୍ବୋଚ୍ଚ ଶିଷ୍ଟାଚାର ତଥା ସୁବ୍ୟବସ୍ଥା ଓ ହଜୁର ସ:ଆ:ସଙ୍କ ଦୟା ପରବଶ ସ୍ୱଭାବ ଓ କରୁଣାର ଏକ ଜ୍ୱଳନ୍ତ ଉଦାହରଣ ।

ନିଃସନ୍ଦେହରେ କହିବାକୁ ଗଲେ ସାଆଦ୍‌ଙ୍କର ବିଚାର ଏକ କଠୋର ବିଚାର ଥିଲା ଏବଂ ପ୍ରକାଶ୍ୟରୂପେ ଦେଖିବାକୁ ଗଲେ ତାହା ପରିସ୍ଥିତି ଅନୁକୂଳ ଓ ବାଧ୍ୟତାମୂଳକ ଥିଲା ତାହା ବ୍ୟତିତ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିଲା । କିନ୍ତୁ ମାନବ ସ୍ୱଭାବକୁ ତାହା ଆଘାତିତ କରୁଥିଲା । ଯାହାକୁ ଅବଲମ୍ବନ କରାଯାଇପାରିଥାନ୍ତା ଯେପରି ମୁଁ ପୂର୍ବେ କହିଲି ବନୁ କୁରୈଜାର ସକ୍ରାନ୍ତରେ ସାଆଦ୍‌ର ବିଚାର ଅତ୍ୟନ୍ତ କଠୋର ନିଷ୍ପତି ଥିଲା କିନ୍ତୁ ତାହା ପରିସ୍ଥିତି ଆଗରେ ବିବିଶତାର ଏକ ବାଧ୍ୟତାମୁଳକ ଫଳାଫଳ ଥିଲା ଏବଂ ଏହା ବ୍ୟତିତ ଅନ୍ୟ କୌଣସି ବିକଳ୍ପ ନଥିଲା ଏହି କାରଣ ରହିଛି ଯେ, ମାର୍ଗୋଲିସ୍ ଭଳି ଜଣେ ଐତିହାସିକ ଯିଏକି କଦାପି ଇସ୍‌ଲାମ୍‌ର ବନ୍ଧୁ ନୁହେଁ । ସେହି ଅବସରରେ ସେ ଏହା ସ୍ୱୀକାର କରିବାକୁ ବାଧ୍ୟ ହୋଇଛି ଯେ, ସାଆଦ୍‌ଙ୍କର ବିଚାର ପରିସ୍ଥିତିର ବିବଶତା ଯୋଗୁଁ ଉପଯୁକ୍ତ ଥିଲା ଏବଂ ଏହା ବ୍ୟତିତ ଅନ୍ୟ କୌଣସି ଉପାୟ ନଥିଲା ଅର୍ଥାତ ଏହାଠାରୁ ବଳି ଅନ୍ୟ କୌଣସି ଉତମ ନିଷ୍ପତି ଦେବା ବାକି ରହିନଥିଲା । ସୁତରାଂ ସେ ଉଲ୍ଲେଖ କରନ୍ତି ଯେ, ଏହଜ୍‌ାବ ଯୁଦ୍ଧର ଆକ୍ରମଣ ଯାହା ସଂକ୍ରାନ୍ତରେ ମୁହମ୍ମଦ ସାହେବ ଏହି ଦାବି କରିଥିଲା ଯେ ସେ କେବଳ ଈଶ୍ୱରଙ୍କ ଇଚ୍ଛା ଅନ୍ତର୍ଗତ ପରାଜିତ ହୋଇଥିଲେ ତାହା ବନୁ ନଜିର୍ ସମ୍ପ୍ରଦାୟର ଉତେଜକ ଚେଷ୍ଟାର ପରିଣତି ଥିଲା କିନ୍ତୁ ଅନ୍ତତଃ ଏହା ବୁଝା ପଡ଼ିଥିଲା ଯେ, ଯେ ତାହା ସେମାନଙ୍କ ଚେଷ୍ଟାର ଫଳାଫଳ ଅଟେ ଏବଂ ବନୁ ନଜିର୍ ହେଉଛି ସେହି ସମ୍ପ୍ରଦାୟ ଯାହାକୁ ହଜୁର ସ:ଆ:ସ କେବଳ ନିର୍ବାସନ କରିଦେବା ଉପରେ ସନ୍ତୁଷ୍ଟ ଥିଲେ । ବର୍ତମାନ ପ୍ରଶ୍ନ ଏହା ଥିଲା ଯେ କଣ ମୁହମ୍ମଦ ସ:ଆ:ସଙ୍କ ବନୁ କୁରୈଜା ସମ୍ପ୍ରଦାୟକୁ ମଧ୍ୟ ନିର୍ବାସିତ କରି ନିଜ ବିରୁଦ୍ଧରେ ଉତେଜକ ଚେଷ୍ଟାକାରୀଙ୍କ ସଂଖ୍ୟା ଓ ଶକ୍ତିକୁ ଅଧିକ କରିଦେବେ । ଅନ୍ୟପଟେ ସେହି ଜାତିକୁ ମଦିନାରେ ମଧ୍ୟ ରହିବାକୁ ଦିଆଯାଇ ପାରିନଥାନ୍ତା । ଯେଉଁମାନେ ସାମୁହିକ ରୂପେ ଆକ୍ରମଣକାରୀଙ୍କୁ ସହଯୋଗ କରିଥିଲେ । ଯଦି ସେମାନଙ୍କୁ ନିର୍ବାସିତ କରିବା ଅସୁରକ୍ଷିତ

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

ଥିଲା ତେବେ ସେମାନଙ୍କର ମଦିନାରେ ରହିବା କିଛି ବିପଦପୂର୍ଣ୍ଣ ନଥିଲା ତେଣୁ ସେମାନଙ୍କ ହତ୍ୟାର ଆଦେଶ ଦେବା ବ୍ୟତିତ ଅନ୍ୟ କୌଣସି ଉପାୟ ନଥିଲା ।

ସୁତରାଂ ସେହି ମାର୍ଗୋଲିସ୍ ଉଲ୍ଲେଖ କରିଛନ୍ତି ଯେ ଅତଃ ସାଆଦ୍‌ର ନିଷ୍ପତି ସମ୍ପୁର୍ଣ୍ଣରୂପେ ନ୍ୟାୟପୂର୍ଣ୍ଣ ଏବଂ ନ୍ୟାୟ ଓ ନିତୀସଙ୍ଗତ ଥିଲା ଏବଂ ହଜୁର ସ:ଆ:ସ ନିଜର ଶପଥ ଅନୁଯାୟୀ ଉକ୍ତ ନିଷ୍ପତି ଉପରେ ନିଜଆଡ଼ୁ କ୍ଷମା ଆଚରଣ କାର୍ଯ୍ୟକାରି କରାଇପାରିନଥାନ୍ତେ କିନ୍ତୁ ଯେଉଁମାନେ କ୍ଷମା ଆବେଦନ କଲେ ସେମାନଙ୍କ ପାଇଁ ହଜୁର ସ:ଆ:ସ ଯଥା ସମ୍ଭବ ପ୍ରୟାସ କରିଥିଲେ । କିନ୍ତୁ ସାମୁହିକ ଭାବେ ଏଭଳି ନିଷ୍ପତି ଦେଇପାରିନଥାନ୍ତେ । କିନ୍ତୁ ଜଣାପଡ଼େ ଯେ, ୟହୁଦୀ ଏହି ଲଜ୍ୟାବୋଧକୁ କେନ୍ଦ୍ର କରି, ଅର୍ଥାତ ସେମାନେ ଆପଣଙ୍କୁ ନ୍ୟାୟଧିସ ମାନିବାକୁ ଅସ୍ୱୀକାର କରିଦେଇଥିଲେ । ଆପଣଙ୍କ ଦୟା ପରିପ୍ରେକ୍ଷୀରେ ଆପଣଙ୍କ ଆଡ଼କୁ ମୁହାଁଇଲେ ନାହିଁ କେବଳ କିଛି ବ୍ୟକ୍ତିମାନେ ହିଁ ଦୟାପାଇଁ ଅପିଲ କଲେ । ବାସ୍ତବିକ ଯଦି ଅପିଲ୍ କରାଯାଇଥାନ୍ତା ତେବେ ଆପଣ କ୍ଷମା ଦେଇ ଦେଇଥାନ୍ତେ । କାରଣ ଯେଉଁ ବିଦ୍ରୋହୀ ନିଜ ଦୋଷ ସ୍ୱୀକାର କରି ଅନୁତପ୍ତ ହେବାର ପରିପ୍ରକାଶ କରେ ନାହିଁ ତାକୁ କ୍ଷମା ଦେବା ଓ ଛାଡ଼ିଦେବାଟା ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିପାରେ ।

ଆଉ ଏକ କଥା ମନେରଖିବା ଉଚିତ ଯେ ପ୍ରାରମ୍ଭିକ ପ୍ରାଯ୍ୟାୟରେ ହଜୁର ସ:ଆ:ସ ଓ ୟହୁଦୀମାନଙ୍କ ସହିତ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ତାହାର ସର୍ତାବଳୀ ମଧ୍ୟରୁ ଗୋଟିଏ ସର୍ତ ଏହା ମଧ୍ୟ ଥିଲା ଯେ ୟହୁଦୀମାନଙ୍କ ସଂକ୍ରାନ୍ତରେ ଯଦି କୌଣସି କଥା ନିଷ୍ପତି ହେବାକୁ ଥାଏ ତେବେ ତାହାର ନିଷ୍ପତି ତାଙ୍କ ଶରିୟତ ଅନୁଯାୟୀ କରାଯିବ । ଅର୍ଥାତ ୟହୁଦୀମାନଙ୍କ ଶରିୟତ ଅନୁଯାୟୀ । ସୁତରାଂ ଏହି ଇତିହାସରୁ ଜଣାପଡୁଛି ଯେ, ସେହି ଚୁକ୍ତି ଅନୁଯାୟୀ ହଜୁର ସ:ଆ:ସ ସର୍ବଦା ୟହୁଦୀମାନଙ୍କ ସଂକ୍ରାନ୍ତରେ ମୁସା ଆ:ସଙ୍କ ସରିୟତ ଅନୁଯାୟୀ ବିଚାର କରୁଥିଲେ । ବର୍ତମାନ ଆମେ ତୌରାତ୍ ଉପରେ ଦୃଷ୍ଟିପାତ କରୁ ତେବେ ସେଠାରେ ଏହିଭଳି ଦୋଷର ଶାସ୍ତି, ଯାହାର ଦୋଷୀ ବନୁ କୁରୈଜାର ସମ୍ପ୍ରଦାୟ ହୋଇଥିଲା ଠିକ୍ ସେହିପରି ଉଲ୍ଲେଖ ଥିବାର ଦେଖିବାକୁ ମିଳେ । ଯାହା ସାଆଦ୍ ବିନ୍ ମୁଆଜ୍ ପ୍ରଦାନ କରିଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ, ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ପୃ-୫୯୯-୬୧୧)***

ସେ ଯାହା ହେଉ ନା କାହିଁକି ବନୁ କୁରୈଜା ବିଷୟରେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ସମ୍ପର୍କିତ ଯେତିକି ବିବରଣୀ ଆବଶ୍ୟକ ଥିଲା ତାହା ଏଠାରେ ମୁଁ ଉପସ୍ଥାପନ କରିଦେଇଛି ଏବଂ ତାହା ଯଥେଷ୍ଟ । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ସମ୍ପର୍କିତ ଅବିଶିଷ୍ଟାଂଶ କଥା ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ମୁଁ ବର୍ଣ୍ଣନା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର କିଛି ଦିନ ପୂର୍ବେ ବିୟୋଗ ଘଟିଛି ଏବଂ ଇନ୍‌ଶାଅଲ୍ଲାଃ ତାଲା ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇବି ।

ପ୍ରଥମ ଚର୍ଚ୍ଚା ହେଉଛି ସ୍ୱର୍ଗତ ରୁକିୟା ଖାଲିଦ୍ ସାହିବାଙ୍କର ଯିଏ ଘାନାର ସଦ୍‌ରା ଲଜ୍‌ନା ଥିଲେ । ଜୁନ୍ ମାସ ୩୦ ତାରିଖ ଦିନ ୬୫ ବର୍ଷ ବୟସରେ ଦୈବି ବିଧାନ ଅନୁଯାୟୀ ସେ ଇହଧାମ ତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ସେ ୟୁଟେରିନ୍ କର୍କଟ (Uterine Cancer) ରୋଗରେ ପିଡ଼ୀତ ଥିଲେ ଏହା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ମଧ୍ୟ ଘଟିଥିଲା ଏବଂ ଅଲ୍ଲାଃ ତାଲା ତାଙ୍କୁ ଆରୋଗ୍ୟ ମଧ୍ୟ ପ୍ରଦାନ କରିଥିଲେ କିନ୍ତୁ ଚଳିତ ବର୍ଷ ମେ ମାସରେ ପୂର୍ନବାର ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିଲା ଏବଂ ପୂର୍ନବାର ତାଙ୍କୁ ସେହି ରୋଗ ଆକ୍ରମଣ କଲା ଯଦ୍ୱାରା କିଛି ଦିନ ଡ଼ାକ୍ତରଖାନାରେ ଚିକିତ୍ସାଧିନ ରହିବାପରେ ଜୁନ୍ ମାସ ୩୦ ତାରିଖ ଦିନ ତାଙ୍କର ଦେହାନ୍ତ ଘଟିଥିଲା । ହାଜିୟା ରୁକିୟା ଖାଲିଦ୍ ସାହେବା ଘାନାର ଉତର ସ୍ଥିତ ୱା ଅଂଚଳରେ ୧୯୫୫ ମସିହା ଅପ୍ରେଲ ମାସରେ ଏକ ଅହେମଦୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ତାଙ୍କର ପିତା ସ୍ୱର୍ଗତ ଅଲ୍‌ହାଜ୍ ଖାଲିଦ୍ ସାହେବ୍ ୱା ନିକଟବର୍ତୀ ଅଂଚଳରେ ଇମାମ୍ ଥିଲେ । ସେହି ଅଂଚଳରେ ବହୁ ଲୋକ ପିତୁଳା ପୁଜକ ଥିଲେ । ସେ ସେହି ପିତୁଳା ପୁଜା କରୁଥିବା ଲୋକଙ୍କ ମଧ୍ୟରେ ତବ୍‌ଲିଗ୍ କରି ସେଠାରେ ଅହେମଦୀୟତ ସ୍ଥାପନ କରିଥିଲେ । ସ୍ୱର୍ଗତଙ୍କ ବାଲ୍ୟଜୀବନ ୱାହାଠାରେ କଟିଥିଲା । ସେ ଜଣେ ଶିଷ୍ଟାଚାରୀ ସାତ୍ତ୍ୱିକ ସମ୍ପର୍ନ୍ନ ତଥା ନିତୀପ୍ରୀୟ ମହିଳା ଥିଲେ । ବୃତି ହିସାବରେ କହିବାକୁ ଗଲେ ସେ ଜଣେ ଶିକ୍ଷୟିତ୍ରୀ ଥିଲେ ଏବଂ ନିଜର ବୃତି ପରିଧି ଅନୁଯାୟୀ ଲୋକମାନଙ୍କ ମଧ୍ୟରେ ଏବଂ ଯମାତ୍‌ରେ ମଧ୍ୟ ଅନ୍ୟପାଇଁ ଉଦାହରଣ ପାଲଟି ଥିଲେ । ଚାକିରି ଜୀବନରୁ ଅବସର ଗ୍ରହଣ କରିବାପରେ ବୁସ୍ତାନେ ଅହେମଦ୍‌ରେ ଅହେମଦୀୟା ଇଂଟରନ୍ୟାସନାଲ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ହିସାବରେ ସେବା ସମ୍ପାଦନ କରିଆସୁଥିଲେ । ସେ କୁନୀ କୁନୀ ପିଲାମାନଙ୍କ ଶିକ୍ଷା ଓ ସଂସ୍କାର ପ୍ରତି ଅତ୍ୟନ୍ତ ଅଭିରୁଚି ରଖୁଥିଲେ । ସେ ଅନେକ ପିଲାମାନଙ୍କର ପାଠପଢ଼ା ଖର୍ଚ୍ଚ ସ୍ୱୟମଂ ବହନ କରୁଥିଲେ । ପିଲାମାନଙ୍କୁ ନିଜ ଘରେ ରଖି ସେମାନଙ୍କୁ ବିନା ମୁଲ୍ୟରେ ଶିକ୍ଷାଦାନ କରୁଥିଲେ । ୨୦୧୭ ମସିହାରେ ତାଙ୍କୁ ସଦର୍ ଲଜ୍‌ନା ଇମାଇଲ୍ଲାଃ ଭାବରେ ନିଯୁକ୍ତ କରାଯାଇଥିଲା । ସେ ଯେତେ ବର୍ଷ ବି ଏହି ପଦବୀରେ ରହିଥିଲେ ନିଜର ସ୍ୱାସ୍ଥ୍ୟ ଖରାପ ଥିବା ସତ୍ୱେ ମଧ୍ୟ ଉକ୍ତ ପଦବୀକୁ ଅତ୍ୟନ୍ତ ସୁନ୍ଦର ରୂପେ ପରିଚାଳନା କରିଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ ସଦର୍ ଲଜ୍‌ନାର କାର୍ଯ୍ୟ ସମ୍ପାଦନ କରିଥିଲେ । ଆଜିକାଲି କରୋନାର ଯେଉଁ କଟକଣା ଲାଗୁଅଛି ଏହି ଭଳି ପରିସ୍ଥିତିରେ ସେ ତର୍‌ବିୟତ୍‌ର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଇଂଟରନେଟ୍ ମାଧମରେ ଆୟୋଜନ କରିଥିଲେ । ସେ ଜଣେ ନିୟମିତ ନମାଜ ପାଠକାରୀ ମହିଳା ଥିଲେ । ସେ ପୂଣ୍ୟ କରିବା ପ୍ରତି ଅଭିରୁଚି ରଖୁଥିଲେ । ତହ୍‌ଯୁଦ୍ ପ୍ରୀୟ ଏବଂ ନିୟମିତ ଚାନ୍ଦା ପଇଠକାରୀ ମହିଳା ଥିଲେ । ସ୍ୱର୍ଗତ ମୁସିୟା ଥିଲେ ଅର୍ଥାତ ୱସିୟତ କରିଥିଲେ । ଖିଲାଫତ୍ ସହିତ ତାଙ୍କର ଘନିଷ୍ଠ ଓ ନିଷ୍ଠାପୂର୍ଣ୍ଣ ସମ୍ପର୍କ ଥିଲା । ମୃତକ ପରିବାରରେ ତାଙ୍କର ଦୁଇ ପୁତ୍ର ଓ ଜଣେ ପୁତ୍ରୀ ତଥା ଚାରିଜଣ ନାତିନାତୁଣୀ ରହିଛନ୍ତି ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନତି କରନ୍ତୁ ଏବଂ ସେମାନଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟକର୍ମଗୁଡ଼ିକୁ ଜାରି ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତ ସୁଫିୟା ବେଗମ୍ ସାହିବା, ପତ୍ନୀ ଶ୍ରୀମାନ ସ୍ୱର୍ଗତ ଶେଖ୍ ମୁବାରକ୍ ଅହେମଦ୍ ସାହେବ ପୂର୍ବତନ ମୁବ୍‌ଲିଗ୍ ସିଲ୍‌ସିଲା ଆଫ୍ରିକା, ଇଂଲଣ୍ଡ ଓ ଆମେରିକାଙ୍କର । ସେ ଜୁନ୍ ମାସ ୨୭ ତାରିଖ ଦିନ ୯୩ ବର୍ଷ ବୟସରେ ଅଲ୍ଲାଃ ତାଲାଙ୍କ ଦୈବି ବିଧାନ ଅନୁଯାୟୀ ମୃତ୍ୟୁବରଣ କରିଥିଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ସେ ହଜ୍‌ରତ୍ କାଜି ଅବ୍‌ଦୁସ୍ ସଲାମ୍ ଭଟ୍ଟି ସାହେବ ଓ ସ୍ୱର୍ଗତ ମୁବାରକ୍ ବେଗମ୍ ସାହିବାଙ୍କ ଘରେ ୧୯୨୬ ମସିହା ଅକ୍ଟୋବର ମାସରେ ଜନ୍ମ ଗ୍ରହଣ କରିଥିଲେ । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବା ହଜ୍‌ରତ୍ କାଜି ଅବ୍‌ଦୁର୍ ରହିମ୍ ସାହେବଙ୍କର ନାତୁଣୀ ଓ ହଜ୍‌ରତ୍ କାଜି ଜ୍ୟାଉଦ୍ଦିନ୍ ସାହେବଙ୍କର ପୁତ୍ରୀ ଥିଲେ । ସେ ଅଗଣିତ ସୁଗୁଣର ଅଧିକାରି ଥିଲେ ଓ ଜଣେ ନମାଜ ପାଠକାରୀ ମହିଳା ଥିଲେ । ଖିଲାଫତ୍‌କୁ ବହୁତ ଭଲପାଉଥିଲେ ଯାହାକି ଖୁବ୍ କମ୍ ଦେଖିବାକୁ ମିଳିଥାଏ । ସେ କେବଳ ନିଜ ସନ୍ତାନମାନଙ୍କ ମଧ୍ୟରେ ଖିଲାଫତ୍ ସହିତ ଅତି ନିବିଡ଼ତା ତଥା ଘନିଷ୍ଠ ସମ୍ପର୍କ ସ୍ଥାପନ କରିନଥିଲେ ବରଂ ସେ ନିଜ ସନ୍ତାନମାନଙ୍କ ପରବର୍ତୀ ପିଢ଼ିଙ୍କ ଠାରେ ମଧ୍ୟ ଖିଲାଫତ୍ ପ୍ରତି ପ୍ରେମ ସମ୍ପର୍କର ଡ଼ୋରିକୁ ନିବିଡ଼ କରିଥିଲେ । ଏହିଭଳି ସମ୍ପର୍କ ଖଲିଫାଙ୍କ ସହିତ ରହିବା ଉଚିତ । ସ୍ୱର୍ଗତ ମୁସିୟା ଥିଲେ ଶେଖ୍ ମୁବାରକ ଅହେମଦ୍ ସାହେବଙ୍କ ସହିତ ତାଙ୍କର ଦ୍ୱିତୀୟ ବିବାହ ହୋଇଥିଲା ଯାହାଙ୍କ ଗର୍ଭରୁ ଜଣେ କନ୍ୟା ସନ୍ତାନ ଜାତ ହୋଇଥିଲା ଏବଂ ପ୍ରଥମ ସ୍ୱାମୀଙ୍କଠାରୁ ମଧ୍ୟ ତାଙ୍କର ସନ୍ତାନ ଥିଲେ । ସ୍ୱର୍ଗତ ସୁଫିୟା ବେଗମ୍ ସାହିବାଙ୍କର ପ୍ରଥମ ସ୍ୱାମୀଙ୍କର ନାମ ନସିର୍ ଅହ୍‌ମଦ୍ ଭଟ୍ଟି ସାହେବ ଥିଲା । ସେ ଯାହା ହେଉ ନା କାହିଁକି ସେ ଅତ୍ୟନ୍ତ ନିଷ୍ଠାର ସହିତ ସେଖ୍ ସାହେବଙ୍କ ସହିତ ବିଭିନ୍ନ ଦେଶରେ ସେବା କରିବାକୁ ସୁଯୋଗ ଲାଭ କରିଥିଲେ । ମୃତକଙ୍କ ପରିବାର ମଧ୍ୟରେ ତାଙ୍କ ଗର୍ଭରୁ ଶେଖ୍ ସାହେବଙ୍କର କନ୍ୟା ବ୍ୟତିତ ତାଙ୍କର ଅନ୍ୟ ଦୁଇଜଣ ପୁତ୍ରୀ ଓ ତିନିଜଣ ପୁତ୍ର ସନ୍ତାନ ସାମିଲ ଅଛନ୍ତି । ତାଙ୍କର ଜଣେ ପୁତ୍ର ରହିମ୍ ଅହେମଦ୍ ଭଟ୍ଟି ସାହେବ ଆମ ପ୍ରାଇଭେଟ ସେକ୍ରେଟାରୀ କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟରତ ଅଛନ୍ତି । ସେହିପରି ତାଙ୍କର ଜଣେ ନାତୀ ସଗିର୍ ଅହେମଦ୍ ଭଟ୍ଟି ଯିଏକି ୟୁକେର ୱକାଲତ୍ ତବ୍‌ସିର୍ ବିଭାଗରେ କାର୍ଯ୍ୟରତ ଅଛନ୍ତି । ତାଙ୍କର ଅନ୍ୟଏକ ନାତି ଅୱାଦ୍ ଭଟ୍ଟି ୱକ୍‌ଫେ ଜିନ୍ଦେଗୀ ଅଟନ୍ତି । ଯିଏକି ଅହେମଦୀୟା କଲେଜ୍ କାନୋଠାରେ ଶିକ୍ଷକରୂପେ ଦାୟିତ୍ୱ ତୁଲାଉଛନ୍ତି । ସେହିପରି ଅନ୍ୟଏକ ନାତୀ ଖଲିକ୍ ଭଟ୍ଟି ମଧ୍ୟ ଶିକ୍ଷା ସମାପ୍ତ କରି ନିଜକୁ ୱକ୍‌ଫ କରି ଏବେ ରିଭ୍ୟୁ ଅଫ୍ ରିଲିଜିଅନ୍ସରେ ସେବା ସମ୍ପାଦନ କରୁଛନ୍ତି । ସେହିପରି ତାଙ୍କର ନବିଲ୍ ନାମକ ଅନ୍ୟଜଣେ ନାତି ଯିଏକି ଦୁଇବର୍ଷ ପୂର୍ବେ ଭିଷଣ ଭାବରେ ଅସୁସ୍ଥ ହୋଇପଡ଼ିଥିଲେ ପ୍ରାୟତଃ ତାଙ୍କର ଜୀବନ ଦିପ ଲିଭିବାକୁ ଆସିଥିଲା । ତାଙ୍କ ପାଇଁ ସେ ଦୁଆ କରିଥିଲେ ଏବଂ ଅଲ୍ଲାଃ ତାଲା ମଧ୍ୟ ତାଙ୍କୁ ପୂର୍ବରୁ ହିଁ ବାଳକର ଆରୋଗ୍ୟ ଲାଭ ହେବା ପ୍ରସଙ୍ଗରେ ସୁଚିତ କରିଥିଲେ ଏବଂ ପରେ ଅଲ୍ଲାଃ ତାଲା ତାଙ୍କୁ ଆରୋଗ୍ୟ ମଧ୍ୟ ପ୍ରଦାନ କରିଥିଲା । କିନ୍ତୁ ସେ ଯାହା ହେଉ ନା କାହିଁକି ଉକ୍ତ ରୋଗ ଯୋଗୁଁ ବର୍ତମାନ ସୁଧା ନବିଲ୍ ଅହେମଦ୍‌କୁ ଛୋଟ ଛୋଟ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଅଛି । ଅଲ୍ଲାଃ ତାଲା ତାକୁ ସମ୍ପୁର୍ଣ୍ଣରୂପେ ଆରୋଗ୍ୟ ପ୍ରଦାନ କରନ୍ତୁ ଓ ସଫିୟା ବେଗମ୍ ସାହିବା ଯିଏକି ତାଙ୍କ ପାଇଁ ପ୍ରାର୍ଥନା କରିଛନ୍ତି ଅଲ୍ଲାଃ ତାଲା ତାହାକୁ ଗ୍ରହଣ କରନ୍ତୁ । ଅତଏବ ନବିଲ୍ ଅହେମଦ୍ ମଧ୍ୟ ୱକ୍‌ଫେ ର ସ୍କିମରେ ଅନ୍ତର୍ଭୁକ୍ତ ରହିଛି, ଅଲ୍ଲାଃ ତାଲା ତାକୁ ମଧ୍ୟ ଯମାତ୍‌ର ଉପାଦେୟ ଅସ୍ତିତ୍ୱ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କୁ ଓ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ଧର୍ମର ସେବକ କରାନ୍ତୁ ।

ତାଙ୍କର ସୁପୁତ୍ରୀ ଫରିଦା ସେଖ୍ ସାହେବ ବର୍ଣ୍ଣନା କରନ୍ତି ଯେ, ଆମ ମାଆଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଅତ୍ୟନ୍ତ ପ୍ରେମ ଓ ପ୍ରିତିର ସମ୍ପର୍କ ରହିଥିଲା ସେ ସର୍ବଦା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଚିତ୍ରପଟ ଓ ଛବିକୁ ଇସାରା କରି ଏହା କହୁଥିଲେ ଯେ, ଆମମାନଙ୍କୁ ଆଜି ଯାହା ସବୁ ଉପଲବ୍ଧ ରହିଛି ତାହା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବରକତ୍‌ରୁ ହିଁ ପ୍ରାପ୍ତ ହୋଇଛି । ପୁନଶ୍ଚ ସେହିପରି ଆଫ୍ରିକୀୟ ଓ ଆମେରିକୀୟ ଭଉଣୀମାନଙ୍କ ସହିତ ତାଙ୍କର ଏକ ବିଶେଷ ସମ୍ପର୍କ ଥିଲା । ସେହି ଭଉଣୀମାନେ ସର୍ବଦା ତାଙ୍କ ନିକଟକୁ ଯିବାଆସିବା କରୁଥିଲେ,

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......
ଲୋକ ବୟତ କରି ଯମାତ୍‌ରେ ସାମିଲ ହୋଇଗଲେ । ଅତଏବ ଅଲ୍ଲାଃ ତାଲା ହିଁ ତା'ର ପ୍ରଚାର ପ୍ରସାର କରିଥାଏ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏହା ଅଲ୍ଲାଃ ତାଲାଙ୍କର ଅନୁଗ୍ରହ ଯେ ସେ ଆମକୁ ମସିହ୍ ମଉଦ୍‌ଙ୍କୁ ମାନିବାପାଇଁ ଆମର ଏ କର୍ତବ୍ୟ ହେବା ଉଚିତ ଯେ ଯେଉଁଠି ଆମେ ନିଜର ଅବସ୍ଥାକୁ ସୁଧାରିବା ପାଇଁ ଧ୍ୟାନ ଦେବା ସେଠାରେ ଅଲ୍ଲାଃ ତାଲାଙ୍କର ଉକ୍ତ ନିଷ୍ପତିରୁ ଆଶିଷ ପାଇବା ପାଇଁ ଅର୍ଥାତ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତାକୁ ସ୍ୱୟଂ ଦୁନିଆରେ ପ୍ରଚାର ପ୍ରସାର କରିବେ, ତେଣୁ ସେହି କାର୍ଯ୍ୟରେ ଅଂଶିଦାର ହେବାପାଇଁ ଆମେ ମଧ୍ୟ କିଛି ସମୟ ଦେବା । ତାହା ସେତେବେଳେ ଯାଇ ସମ୍ଭବ ହେବ ଯେବେ ଆମେ ତବ୍‌ଲିଗ୍ କାର୍ଯ୍ୟପ୍ରତି କିଛି ଧ୍ୟାନ ଦେବା । ଏହି କାର୍ଯ୍ୟ ଦ୍ୱାରା ଯେଉଁଠି ଆମେ ନିଜର ଇହକାଳ ଓ ପରକାଳକୁ ସୁଧାରି ପାରିବା ସେଠାରେ ସଂସାରବାସୀଙ୍କୁ ମଧ୍ୟ ସଠିକ୍ ମାର୍ଗରେ ପରିଚାଳିତ ହେବାପାଇଁ ପଥପ୍ରଦର୍ଶକ ହୋଇପାରିବା । ଅଲ୍ଲାଃ ତାଲା ଆମକୁ ଏହା କରିବାପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏବେ ଦୁଆ (ନୀରବ ପ୍ରାର୍ଥନା) କରିନିଅନ୍ତୁ ।

ଦୁଆ କରିବା ପରେ ହଜୁର ଅ:ବ:ଅ ଯଲ୍‌ସାରେ ଯୋଗଦେଇଥିବା ଲୋକମାନଙ୍କର ଉପସ୍ଥାନ ସମ୍ବନ୍ଧରେ କହିଲେ: ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି । ରିପୋର୍ଟ ମୁତାବକ ହଲାଣ୍ଡ ଯମାତ୍‌ର ସଦସ୍ୟମାନଙ୍କର ମୋଟ ସଂଖ୍ୟା ହେଉଛି ୧୫୭୮ । ସେଥିରେ ୭୯୫ ଜଣ ପୁରୁଷ ଓ ୭୮୧ ଜଣ ମହିଳା ଅଛନ୍ତି । ଜଲ୍‌ସାରେ ମୋଟ ଉପସ୍ଥାନ ୫୮୩୯ । ସେଥିରୁ ୩୪୯୫ ପୁରୁଷ ଏବଂ ୨୩୪୪ ହେଉଛନ୍ତି ମହିଳା । ଅଣଯମାତିୟ ଅତିଥିମାନଙ୍କର ସଂଖ୍ୟା ହେଉଛି ୧୩୨ ଅଲ୍ଲାଃଙ୍କ କୃପାରୁ ରିପୋର୍ଟ ମୁତାବକ ୧୭ ଟି ଦେଶରୁ ଲୋକମାନେ ଅଧାଧିକ ଲୋକେ ବାହାର ଦେଶରୁ ଆସିଛନ୍ତି । ସେହି ଅତିଥିମାନଙ୍କ ଯୋଗୁଁ ଏମାନଙ୍କ ଜଲ୍‌ସା ସଫଳ ହୋଇଛି । ଜଜାକମୁଲ୍ଲାଃ- ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବର୍‌କାତୁହୁ ।

ତା'ପରେ ପ୍ରୋଗ୍ରାମ ମୁତାବକ ଅତ୍‌ଫାତୁଲ୍ ଅହ୍‌ମଦିୟା ହଲାଣ୍ଡ ଏବଂ ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ ଜଣ ଜଣ କରି ଉର୍ଦ୍ଦୁ ଭାଷାରେ ତରାନା (ସମବେତ୍ ନଜମ୍) ଉପସ୍ଥାପନ କଲେ । ତା'ପରେ ବଙ୍ଗାଳି ସଦସ୍ୟମାନେ ବଙ୍ଗଳା ଭାଷାରେ ଗୋଟିଏ ନଜମ୍ ପେଶ୍ କଲେ । ଶେଷରେ ଆଫ୍ରିକୀୟ ଲୋକମାନେ ଦଳବଦ୍ଧ ହୋଇ ନିଜର ସ୍ୱତନ୍ତ୍ର ଶୈଳୀରେ କଲ୍‌ମା ତୟବାଃ ଉପସ୍ଥାପନ କଲେ ଓ ବହୁତ ଉତ୍ସାହିତ ହୋଇ ନାରାଏ ତକ୍‌ବୀର୍ ସ୍ଲୋଗାନ୍ ଲଗାଇଲେ । ତା'ପରେ ଠିକ୍ ୪:୨୫ ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବସସ୍ଥଳୀକୁ ଚାଲିଗଲେ ।

## ୨୯ ସେପ୍ଟେମ୍ବର ୨୦୧୯ (ରବିବାର) ରିପୋର୍ଟର ବଳକାଅଂଶ ଫ୍ୟାମିଲି ସାକ୍ଷାତକାର

ପ୍ରୋଗ୍ରାମ ମୁତାବକ ଠିକ୍ ସଂନ୍ଧ୍ୟା ୬ ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରିରେ ପଦାର୍ପଣ କଲେ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସଂଧ୍ୟାର ଏହି ସେସନ୍‌ରେ ୨୯ ଟି ଫ୍ୟାମିଲିର ୧୨୭ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏତଦ୍ ବ୍ୟତିତ ୧୪ ଜଣ ମହିଳା ଓ ୧୧୩ ଜଣ ପୁରୁଷ ବ୍ୟକ୍ତିଗତ ରୂପେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ସାକ୍ଷାତ କରିଥିବା ଫ୍ୟାମିଲିଗୁଡ଼ିକ ଓ ସଦସ୍ୟମାନେ ହଲାଣ୍ଡର ନିମ୍ନଲିଖିତ ଯମାତ୍ ଗୁଡ଼ିକରୁ ଆସିଥିଲେ ।

| | |
|---|---|
| Almere | Zwolle |
| Zotermere | Denbosh |
| Den Haag | Amsterdom |
| Rotterdam | Maastricht |
| Arnhem | Nunspeet |
| Utericht | Eindhoven |
| | Amstelveen |

ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିଥିବା ଏହି ସମସ୍ତ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ସେମାନଙ୍କ ଜୀବଦସାରେ ପ୍ରଥମଥର ପାଇଁ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ସାକ୍ଷାତକାର ପରେ ଲୋକମାନଙ୍କର ମନୋଭାବ ବ୍ୟକ୍ତ

ଯନାବ୍ ମୁହମ୍ମଦ୍ ବଶିର୍ ତାମିଲ ସାହେବ୍ ଯାହାଙ୍କର ସମ୍ବନ୍ଧ ପାକିସ୍ତାନର ଜିଲ୍ଲା ଝଙ୍ଗ ସହିତ ରହିଛି, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଖୁଦାତାଲା ମୋର ସବୁ ମନବାଞ୍ଛା ପୂର୍ଣ୍ଣ କରିଦେଲେ । ପୁଣି ସେ ବତାଇଲେ ଯେ, ଯେତେବେଳେ ୨୦୦୩ ମସିହାରେ ପଂଚମ ଖଲିଫାଙ୍କର ଚୟନ ପ୍ରକ୍ରିୟା ଜାରି ରହିଥିଲା ଓ ବହୁତ ରାତି ହୋଇଗଲା, ମୁଁ ମୋ ବାପାଙ୍କୁ କହିଲି ଯେ, ଯେଉଁ କ୍ଷଣି ଚୟନ ହେବାର ଘୋଷଣା କରାଯିବ ମତେ ସେତେବେଳେ ଜଗାଇ ଦେବ । ଅତଏବ ଯେତେବେଳେ ମୋ ବାପା ମତେ ଉଠାଇବାକୁ ଆସିଲେ ମୁଁ ବାପାଙ୍କୁ କହିଲି ଯେ, ବର୍ତମାନ ମୁଁ ସ୍ୱପ୍ନରେ ଏକଥା ଦେଖିବାକୁ ପାଇଛି କି ମିର୍ଜା ମସରୁର୍ ଅହେମଦ୍‌ଙ୍କର ପଂଚମ ଖଲିଫା ରୂପେ ଚୟନ ହୋଇସାରିଛି । ସୁତରାଂ କିଛି ସମୟ ପରେ ଏମ୍‌ଟିଏ ଜରିଆରେ ତାଙ୍କର ନାମ ମଧ୍ୟ ଘୋଷଣା କରାଗଲା । ସେ ପୁଣି କହିଲେ ଯେ, ମୁଁ ଏକୁଟିଆ ବିଦେଶ ଆସିଛି । ୨୦୧୫ ମସିହାରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ସାକ୍ଷାତକାର ହେଲା ସେତେବେଳେ ମୁଁ ମୋ ପିଲାଛୁଆ ଓ ପରିବାର ବର୍ଗଙ୍କ ପାଇଁ ଦୁଆ କରିବା ନିମନ୍ତେ ଦରଖାସ୍ତ କଲି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, "ଚିନ୍ତା କରନାହିଁ ତୁମ ପରିବାର ଓ ପିଲାମାନେ ଏଠାକୁ ଆସିଯିବେ" ମୁଁ ସାକ୍ଷାତ କରି ସାରିବା ପରେ ଯେଉଁ କ୍ଷଣି ଦଫ୍‌ତରରୁ ବାହାରକୁ ବାହାରିଲି ସେହି କ୍ଷଣି ମୋ ବ୍ୟାମ୍ପରୁ ମତେ ଟେଲିଫୋନ ଆସିଲା ଯେ, ଆପଣଙ୍କ ପିଲାମାନେ ଏଠାକୁ ଆସିବାପାଇଁ ଚିଠି ମିଳିଯାଇଛି । ଦେଖନ୍ତୁ କେଡ଼େ ସୁନ୍ଦରଭାବେ ହଜୁରଙ୍କର କଥା ପୂରଣ ହୋଇଗଲା । ଏ ବିଷୟ ମୋ ପାଇଁ କୌଣସି ଚମତ୍କାରରୁ କମ୍ ନଥିଲା ଆଜି ମୋ ପରିବାର ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା । ଅଲ୍ଲାଃ ତାଲା ମୋର ସମସ୍ତ ମନସ୍କାମନା ପୂରଣ କରିଦେଇଛନ୍ତି । ଆଜି ମୋ ପାଇଁ ବହୁତ ବଡ଼ ଖୁସିର ଦିନ ।

ଫଏସଲାବାଦରୁ ଆସିଥିବା ଜଣେ ଯୁବକ ରିଜଓ୍ୱାନ୍ ମେହମୁଦ୍ ସାହେବ କହିଲେ ଯେ ମୋ ଜୀବନର ବହୁତ ବଡ଼ ଅଭିଳାଷା ଥିଲା ଯେ, ମୁଁ କିପରି ମୋ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବି ତାହା ଆଜି ପୂରଣ ହୋଇଯାଇଛି ଏବେ ମତେ ଆଉ କିଛି ଦରକାର ନାହିଁ । ଆଜି ମତେ ସବୁକିଛି ମିଳିଯାଇଛି ।

ଏଜାଜ୍ ମେହମୁଦ୍ ଚିମା ସାହେବ୍ ଯାହାଙ୍କ ସମ୍ବନ୍ଧ ନାରଙ୍ଗମଣ୍ଡି ସହିତ ଅଛି, ସେ କହିଲେ ଯେ ଆଜି ମୋର ହୃଦୟ ବଡ଼ ହୋଇଯାଇଛି ଓ ମୁଁ ବହୁତ ସୌଭାଗ୍ୟଶାଳୀ ବ୍ୟକ୍ତି ହୋଇଯାଇଛି । ମୋର ଏହି ସାକ୍ଷାତକାର ମୋ ଜୀବନର ସବୁଠାରୁ ମୂଲ୍ୟବାନ ଜିନିଷ ।

ଅଞ୍ଜୁମ୍ ନଓ୍ୱିଦ୍ ସାହେବ୍ ଯିଏ ଖାନିଓ୍ୱାଲରୁ ଆସିଛନ୍ତି ସେ କହିବାକୁ ଲାଗିଲେ ଯେ, ମୁଁ ନିଜର ମନୋଭାବକୁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ମୋର ଗୋଟିଏ ବହୁଦିନର ପୁରୁଣା ଇଚ୍ଛା ପୂରଣ ହେଲା । ମୋର ବର୍ଷ ବର୍ଷର ପ୍ରାର୍ଥନାକୁ ଈଶ୍ୱର ଆଜି ଶୁଣିଛନ୍ତି ତେଣୁ ଆଜି ମୋ ପ୍ରୀୟ ଆକାଙ୍କ ସହିତ ମୋର ସାକ୍ଷାତ ହୋଇପାରିଲା ଏହାର କୌଣସି ବିକଳ୍ପ ନାହିଁ ।

ଇସ୍ତେଖାର୍ ଅହେମଦ୍ ସାହେବ୍ ଯିଏ ନନ୍‌କାନାରୁ ଆସିଥିଲେ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମୁଁ ହେଉଛି ମୋ ବଂଶର ପ୍ରଥମ ନାତି ଯାହାକୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ସୁଯୋଗ ମିଳିଲା । ମୋ ବଂଶରେ କେବଳ ମତେ ହିଁ ଖଲିଫତୁଲ୍ ମସିହ୍ ପଂଚମଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା । ମୋ ବାପା ମାଆ ତଥା ମୋ କୁଟୁମ୍ବର ସମସ୍ତ ଲୋକମାନେ ଏ ପ୍ରାର୍ଥନା କରୁଥିଲେ ଯେ, ମତେ କିଭଳି ଏ ସୌଭାଗ୍ୟ ପ୍ରାପ୍ତ ହୋଇଯାଉ । ତେଣୁ ଆଜି ଏ ସୁସମାଚାର ପାଇବା ପରେ ପାକିସ୍ତାନରେ ଥିବା ମୋର ସମସ୍ତ ବଂଶ କୁଟୁମ୍ବର


### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ୍ତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ୍ତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଲୋକମାନେ ଆନନ୍ଦରେ ବିହ୍ୱଳିତ ହୋଇଯାଇଛନ୍ତି ।

ଫଏସଲାବାଦରୁ ଆସିଥିବା ଜଣେ ଯୁବକ ମୁହମ୍ମଦ ଆସିର୍ ସାହେବ୍ ବର୍ଣ୍ଣନା କଲେ ଯେ, ଆଜି ମୁଁ ଅତ୍ୟନ୍ତ ଆନନ୍ଦିତ । ପାକିସ୍ତାନରେ ଏମ୍‌ଟିଏ ମାଧ୍ୟମରେ ଆମେ ହଜୁରଙ୍କୁ ଦେଖୁଥିଲୁ ଓ ମୁଁ ଏ ପ୍ରାର୍ଥନା କରୁଥିଲି ଯେ, କେବେ ମୋ ଜୀବନରେ ମଧ୍ୟ କାଳେ ପ୍ରୀୟ ଆକାଙ୍କର ଦର୍ଶନ ହୋଇଯାଆନ୍ତି କି, ଈଶ୍ୱର ଆଜି ମୋର ପ୍ରାର୍ଥନା ଶୁଣିନେଲେ । ହଜୁର ଅନଓ୍ୱର ଅ:ବ:ଅ ମୋ ହାତକୁ ଧରିଲେ ଓ ମୋ ସହିତ ଫଟୋ ଉଠାଇଲେ ।

ଉସ୍‌ମାନ ଅଲୀ ସାହେବ୍ ଯିଏ ଗୁଜ୍‌ରାଓ୍ୱାଲାରୁ ଆସିଥିଲେ, ତାଙ୍କୁ ଯେତେବେଳେ ତାଙ୍କର ମନଭାବ ବିଷୟରେ ପଚାରାଗଲା ସେ କହିଲେ ଯେ, ମୋ ହୃଦସ୍ପନ୍ଦନ ବଢ଼ିଯାଇଛି ଓ ମୋର ଶରୀର କମ୍ପିଯାଉଛି ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କଥା ହେବାପାଇଁ ଚେଷ୍ଟା କଲି କିନ୍ତୁ ମୁଁ କିଛି କହିପାରିଲି ନାହିଁ । ମୁଁ ବହୁତ ସୌଭାଗ୍ୟବାନ ।

କରାଚୀରୁ ଆସିଥିବା ଜଣେ ଯୁବକ ଉସ୍‌ମାନ୍ ଅହେମଦ୍ ସାହେବ କହିଲେ, ଆମକୁ ଆମ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ବହୁତ ବ୍ୟାକୁଳତା ଥିଲା । ଆମେ ଦେଖିବାପାଇଁ ତରସୁ ଥିଲୁ । ଆଜି ଅଲ୍ଲାଃ ତାଲା ଆମ ପ୍ରାର୍ଥନାକୁ ଶୁଣିନେଇଛନ୍ତି ଓ ସାକ୍ଷାତ କରିବାପାଇଁ ଆମକୁ ସୌଭାଗ୍ୟ ମିଳିଗଲା । ଏହା ଅଲ୍ଲାଃ ତାଲାଙ୍କର କୃପା । ଅଲ୍ଲାଃଙ୍କ କୃପା ବିନା ଏଭଳି ମୂହୁର୍ତ୍ତ ଭାଗ୍ୟରେ ଆସିନଥାଏ । ଖୁଦାତାଲା ହଜୁରଙ୍କର ଛତ୍ରଛାୟା ଆମ ଉପରେ ରଖନ୍ତୁ । ଆମିନ୍ ।

ମୁଲ୍‌ତନ୍‌ରୁ ଆସିଥିବା ଜଣେ ଯୁବକ ମୁବଶିର୍ ସାହେବ୍ କହିଲେ ଯେ, ବର୍ତମାନ ମୁଁ ଏତେ ଭାବବିହ୍ୱଳ ହୋଇଯାଇଛି ଯେ ମୋ ମୁଖରୁ କିଛି କଥା ବାହାରୁନାହିଁ । ଜୀବନରେ ପ୍ରଥମଥର ପାଇଁ ଖଲିଫାଙ୍କୁ ଏତେ ନିକଟରେ ଦେଖିବାକୁ ପାଇଲି । ମୁଁ ହଜୁରଙ୍କ ନିକଟରେ କିଛି କହିପାରୁନଥିଲି ବହୁ କଷ୍ଟରେ ମୋ ବାପା ମାଆଙ୍କ ପାଇଁ ପ୍ରାର୍ଥନା କରିବାକୁ ନିବେଦନ କଲି ।

ନବିଲ୍ ଅହେମଦ୍ ସାହେବ୍, ଜିଲ୍ଲା ଗୁଜୁରାଓ୍ୱାଲା, ଅଲିପୁର ଚଠା ନିବାସୀ କହିବାକୁ ଲାଗିଲେ ଯେ, ମୁଁ ଶବ୍ଦରେ କିଛି ବର୍ଣ୍ଣନା କରିପାରିବି ନାହିଁ । ହଜୁରଙ୍କ ସହିତ ସାକ୍ଷାତ କରିବା ମୋର ଏକ ସ୍ୱପ୍ନ ଥିଲା । ମତେ ଏବେ ମଧ୍ୟ ବିଶ୍ୱାସ ହେଉନାହିଁ ଯେ, ସେହି ସ୍ୱପ୍ନ ପୂରଣ ହୋଇଯାଇଛି ବୋଲି । ଖୁଦାତାଲାଙ୍କର ଏହା ବିଶେଷ କୃପା ଯେ, ମୁଁ ଏହାକୁ ସାରା ଜୀବନ ଭୁଲିପାରିବି ନାହିଁ ଓ ଖୁଦାଙ୍କର କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । ଅଲ୍ଲାଃ ତାଲା ହଜୁରଙ୍କର ଛତ୍ରଛାୟା ଆମ ଉପରେ ରଖନ୍ତୁ ଏବଂ ହଜୁରଙ୍କ ପ୍ରତ୍ୟେକ ନିର୍ଦ୍ଦେଶ ଉପରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ରବ୍‌ଓ୍ୱାରୁ ଆସିଥିବା ଜଣେ ଯୁବକ ମୁହସିନ୍ ରଜା ସାହେବ୍ କହିଲେ ଯେ, ମୁଁ କିଛି କହିପାରିନାହିଁ ଆଜି ଜୀବନର ସବୁଠାରୁ ବଡ଼ ଅଭିଳାଷ ପୂରଣ ହୋଇଯାଇଛି, ମୋ ହୃଦୟର ସ୍ପନ୍ଦନ ବର୍ତମାନ ବହୁତ ବଢ଼ିଯାଇଛି । ମତେ ବିଶ୍ୱାସ ହେଉନାହିଁ ଯେ, ଆଜି ମୋର ସାକ୍ଷାତକାର ହୋଇସାରିଛି ବୋଲି, ଏହି ସାକ୍ଷାତକାର ମତେ ସମ୍ପୁର୍ଣ୍ଣରୂପେ ବଦଳାଇ ଦେଇଛି ।

ରବ୍‌ଓ୍ୱାରୁ ଆସିଥିବା ଆଉ ଜଣେ ବନ୍ଧୁ ଖୁର୍‌ରମ୍ ଶହଜାଦ୍ ସାହେବ୍ କହିଲେ ଯେ, ଆମେ ଏମ୍‌ଟିଏ ଦ୍ୱାରା ଜଲ୍‌ସା ଦେଖୁଥିଲୁ ସେଥିରେ ହଜୁର ଅନଓ୍ୱର ଅ:ବ:ଅ ଯୋଗ ଦେବାର ମଧ୍ୟ ଦେଖୁଥିଲୁ । ମୋର ଭୀଷଣ ଇଚ୍ଛା ଥିଲା ଯେ, ଏହି ଜଲ୍‌ସାରେ କିପରି ସାମିଲ ହେବି ଓ ହଜୁର ଅନଓ୍ୱର ଅ:ବ:ଅଙ୍କ ଦର୍ଶନ କରିବି ଏବଂ ମତେ ହଜୁରଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ମଧ୍ୟ ମିଳୁ । ଅଲ୍ଲାଃ ତାଲା ଆଜି ତା କୃପାବଳରୁ ସେହି ଅବସର ଆଣିଦେଲା । ଏହି ଆନନ୍ଦକୁ ପରିପ୍ରକାଶ କରିବାପାଇଁ ମୋ ନିକଟରେ ଶବ୍ଦ ନାହିଁ । ମୁଁ ନା କେବଳ ଏ ଜଲ୍‌ସାରେ ସାମିଲ ହେଲି ବରଂ ଆଜି ମତେ ସାକ୍ଷାତ କରିବାର ସୌଭାଗ୍ୟ ମଧ୍ୟ ମିଳିଗଲା । ଏହା ଖୁଦାତାଲାଙ୍କର ଏତେବଡ଼ ପୁରସ୍କାର ଯେ, ଏହାଠାରୁ ବଳି ଆଉ କିଛି ପୁରସ୍କାର ନାହିଁ ।

ସର୍ଦ୍ଦାରଓ୍ୱାଲା ଜିଲ୍ଲା ସୋର୍ଗଦ୍ଧାରୁ ଆସିଥିବା ଜଣେ ଯୁବକ ମସ୍‌ଉଦ୍ ଅମ୍‌ଜଦ୍ ଶେହ୍‌ଜାଦ୍ ସାହେବ୍ କହିଲେ ଯେ, ମୋର ଯେଉଁ ମନୋଭାବ ରହିଛି ତାକୁ ଜଣେ ବର୍ଣ୍ଣନା କରିପାରିବ ନାହିଁ । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ମୋର ଭୀଷଣ ଇଚ୍ଛା ଥିଲା ଏବଂ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଚିଠି ଲେଖୁଥିଲି ଯେ, ମୋ ପାଇଁ ଦୁଆ କରନ୍ତୁ କି, ଏମିତି ଏକ ସମୟ ମତେ ମିଳୁ ଯେତେବେଳେ ମୁଁ ହଜୁରଙ୍କ ହାତକୁ ଛୁଇଁ ପାରିବି । ସେହି ଦୁଆ ଏବେ କବୁଲ୍ ହୋଇଯାଇଛି । ମୁଁ ଆଜି ଦୁନିଆର ସୌଭାଗ୍ୟଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଯେ ଖଲିଫା ମୋ ହାତକୁ ଧରିଲେ ଓ ମୁଁ ହଜୁରଙ୍କ ସହିତ କଥା ହେଲି ପୁଣି ହଜୁରଙ୍କ ସହିତ ଫଟୋ ମଧ୍ୟ ଉଠାଇଲି ।

ନନ୍‌କାନାରୁ ଆସିଥିବା ଜଣେ ଯୁବକ ବାବର୍ ଇକ୍‌ରାର୍ ସାହେବ୍ କହିଲେ ଯେ, ମୁଁ ଏକଥା ବତାଇ ପାରୁନାହିଁ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ମୁଁ କେତେ ଭୀଷଣ ଇଚ୍ଛା ରଖିଥିଲି । ମୁଁ ଜର୍ମାନୀ ଜଲ୍‌ସାରେ ସେଥିଯୋଗୁଁ ଯୋଗ ଦେଇଥିଲି ଯେ, ସେଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରିପାରିବି । ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରା ମୋତେ ଦେଖାଗଲା ସେତେବେଳେ ମୋ ମୁହଁରୁ ସ୍ୱତଃପ୍ରୃତ ଭାବେ ମାଶାଅଲ୍ଲାଃ ଶବ୍ଦ ବାହାରି ପଡ଼ିଲା । ଆଜି ଅଲ୍ଲାଃ ତାଲା ସେହି ସାକ୍ଷାତ କରିବାର ଅଭିଳାଷକୁ ପୂରଣ କରିଦେଇଛନ୍ତି । ପ୍ରୀୟ ଆକାଙ୍କୁ ଦର୍ଶନ କଲି । ଆଜି ମୁଁ କେଡ଼େ ସୌଭାଗ୍ୟବାନ ।

ଖାଲିଦ୍ ଅହେମଦ୍ ଚଫା ସାହେବ୍ ନୁସ୍ରତାବାଦ୍‌ର ମିର୍‌ପୁର୍‌ଖାସ୍ ଜିଲ୍ଲା ସିନ୍ଧ ପ୍ରଦେଶରୁ ଆସିଛନ୍ତି । ସେ କହିଲେ ଯେ, ଆଜି ମୋ ଆତ୍ମାକୁ ଶାନ୍ତି ମିଳିଲା । ପାକିସ୍ତାନର ଯେଉଁ ଇଲାକାରୁ ମୁଁ ଆସିଛି ସେଠାରୁ କୌଣସି ସାଧାରଣ ବ୍ୟକ୍ତି ଆସିବା ବହତୁ କଷ୍ଟକର କଥା । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ମୋର ଭୀଷଣ ଇଚ୍ଛା ଥିଲା । ଆମେ ହଜୁରଙ୍କୁ ଏମ୍‌ଟିଏ ଦ୍ୱାରା ଦେଖୁଥିଲୁ । ବହୁତ ଅସୁବିଧା ସତ୍ୱେ ମଧ୍ୟ ଅଲ୍ଲାଃ ତାଲା ଏଠାକୁ ଆସିବାପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେଲେ ଓ ଆଜି ମୋର ଏହି ଆନ୍ତରିକା ଇଚ୍ଛା ପୂରଣ ହୋଇଗଲା । ମୁଁ ଏଥିଯୋଗୁଁ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରିବାରେ ଅସମର୍ଥ ।

ଡ଼ାକ୍ତର କୈସର୍ ଖୁର୍‌ରମ୍ ସାହେବ୍ ସେ ଚିନ୍ୱଟରୁ ଆସିଥିଲେ, ସେ କହିଲେ ଯେ ମୁଁ ୨୦୦୩ ମସିହାରେ ବୟତ କରିଥିଲି ତା'ପରେ ମୋ ମାଆ ମଧ୍ୟ ବୟତ କରିଛନ୍ତି ଓ ପୁଣି ମୋ ସ୍ତ୍ରୀ ମଧ୍ୟ ବୟତ କରିନେଲେ । ଆଜି ମୋର ବହୁତ ବଡ଼ ସୌଭାଗ୍ୟ ଯେ, ମତେ ହଜୁରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା । ମୁଁ ମୋ ଜୀବନରେ ପ୍ରଥମଥର ହଜୁରଙ୍କୁ ଅତି ନିକଟରେ ଦେଖିବାକୁ ପାଇଲି ତେଣୁ ମୁଁ ବୁଝିପାରୁନଥିଲି ଯେ, କଣ କଥା ହେବି । କେବଳ ଏତିକି କଥା କହିପାରିଲି ଯେ, ମୋ ବାପାଙ୍କୁ ସଠିକ୍ ହିଦାୟତ ମିଳିବା ପାଇଁ (ସତ୍‌ପଥ) ଦୂଆ କରନ୍ତୁ ଓ ସେ ମଧ୍ୟ ଅହେମଦୀ ହୋଇଯାଆନ୍ତୁ । ସାକ୍ଷାତକାର ପରେ ମୁଁ ଅନୁଭବ କଲି ଯେ, ମୁଁ ଭିତରୁ ସ୍ୱଚ୍ଛ ହୋଇଯାଇଛି । ତୁଳା ସଦୃଶ ହାଲ୍‌କା ହୋଇଯାଇଛି ଏବଂ ସମ୍ପୁର୍ଣ୍ଣରୂପେ ବଦଳି ଯାଇଛି । ଏହି ସାକ୍ଷାତକାର ଗୋଟିଏ ମିନିଟରୁ ମଧ୍ୟ କମ୍ ଥିଲା । କିନ୍ତୁ ସେହି କ୍ଷଣଟି ମତେ ସମ୍ପୁର୍ଣ୍ଣରୂପେ ବଦଳାଇ ଦେଲା । ପ୍ରଭୁ ମତେ ସବୁକିଛି ଦେଇଦେଲେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୮ଟା ୧୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ । ମଗ୍‌ରିବ ଏବଂ ଇସା ନମାଜ ପଢ଼ିବାର ବ୍ୟବସ୍ଥା ବଇତୁଲ୍ ନୂର୍ ସହିତ ସଲଗ୍ନ ସାମିୟାନା (ମହିଳାମାନଙ୍କ ଜଲ୍‌ସାଗାଃ) ଭିତରେ କରାଯାଇଥିଲା । ଯେବେକି ବଇତୁଲ୍ ନୂରଠାରେ ମହିଳାମାନେ ନମାଜ ପାଠ କରିବାପାଇଁ ଏକତ୍ରିତ ହୋଇଥିଲେ ।

**ଆମିନ୍ ଉତ୍ସବ**

ଆଜି ଛୋଟ ଛୋଟ ଝିଅପିଲାମାନଙ୍କର ଆମିନ୍ କରିବାର ପ୍ରୋଗ୍ରାମ ମଧ୍ୟ ରଖାଯାଇଥିଲା ଓ ତାହାର ପ୍ରବନ୍ଧ ବଇତୁଲ୍ ନୂର୍‌ଠାରେ ଥିବା ମହିଳାମାନଙ୍କର ବିଭାଗରେ ହୋଇଥିଲା । ପ୍ରୋଗ୍ରାମ ମୁତାବକ ୮:୩୦ ହଜୁର ଅନଓ୍ୱର ଅ:ବ:ଅ ବଇତୁଲ୍ ନୂର୍ ଭିତରକୁ ପ୍ରବେଶ କଲେ ଏବଂ ସେଠାରେ ଆମିନ୍ ଉତ୍ସବ ଆରମ୍ଭ କରାଗଲା । ନିମ୍ନଲିଖିତ ୩୦ଜଣ ଝିଅପିଲା ଏହି ଉତ୍ସବରେ ସାମିଲ ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ସମସ୍ତଙ୍କଠାରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ । ସେହି ପିଲାମାନଙ୍କର ନାମ ନିମ୍ନରେ ଦିଆଯାଉଅଛି ।

ଅଜିଜାଃ ଓ୍ୱର୍ଦ୍ଦାଃ କାଶିଫ୍, ମହଓ୍ୱଶ୍ ନୁମାନା ଆରିଫ୍, ମନ୍‌ସା ଅଜ୍‌ହର୍ ମୁମ୍‌ତାଜ୍, ମାରିୟା ନସିର୍, ସହର୍ ରାଣା, ସାନିୟା ସିଦ୍ଦିକ୍, କାଶ୍‌ଫତୁଲ୍ ନୂର୍ ମେହବୁବ୍, ଅନିସା ଇମ୍ରାନ୍ ଚୌଧୁରୀ, ଫାତିହା ଆମିର୍, ଇନାୟା ଅଲୀ, ନାଜିଆ ଅସ୍‌ଲମ୍, ଦାନିଆ ଅହ୍‌ମଦ୍

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଜଟ୍ ଇଶାହ୍ ସୁଲ୍‌ତାନ୍, ଅତିଉଳ୍‌ ବାସିତ୍, ନମୁଦି ସହର୍ ମେହମୁଦ୍, ନୟର୍ ହୟା ମାନ୍ନାନ୍, ଅଦିଲା ଫାରୁକ୍, ହିବତୁଲ୍ ବସିର୍ ମଲକ୍, ଆସ୍‌ଫା ମଲକ, ତାହିରା ଏଲ୍ ହକୁତି, ମାହ୍‌ନୂର୍ ଅକ୍‌ମଲ୍, ସିବକତୁଲ୍ ମୁକିତ୍, ମନାହିଲ୍ ମନ୍‌ସୁର୍, ସାନିହା ନସିର୍, ଆନୁସ୍ ସାଖି, ଦରିଶା ଅଞ୍ଜୁମ୍, ଉରୁଜେ ମିର୍, ଆରିଫା ମୁବ୍‌ଶିର୍ ଆରିଫ୍, ଯାଜ୍‌ବା କମାଲ୍ କାଜି ଏବଂ ଅତିଅତୁସ୍ ସବୁହ୍ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ସାମିୟାନା ଭିତରକୁ ଆସି ମଗ୍‌ରିବ୍ ଏବଂ ଇସା ନମାଜ ଯମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ନୌମୁବାଇନ୍‌ମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ**

ଜଲ୍‌ସା ସାଲାନା ହଲାଣ୍ଡରେ ବିଭିନ୍ନ ଦେଶରୁ ଲୋକମାନେ ଆସି ସାମିଲ ହୋଇଥିଲେ, ସେମାନଙ୍କ ମଧ୍ୟରେ ବହୁତ ବଡ଼ ସଂଖ୍ୟା ନୌମୁବାଇନ୍‌ମାନଙ୍କର ମଧ୍ୟ ଥିଲା । ସେହି ନୌମୁବାଇନ୍‌ମାନେ ଏହି ଜଲ୍‌ସାର ପରିବେଶରୁ ଓ ପ୍ରୋଗ୍ରାମଗୁଡ଼ିକରୁ ବହୁତ ଲାଭ ଉଠାଇଲେ ।

ମରାକିସ୍ ଦେଶ ସହିତ ସମ୍ବନ୍ଧ ରଖିଥିବା ଜଣେ ମହିଳା ଆମିନା ସାହିବା ଏ ଜଲ୍‌ସାରେ ସାମିଲ ହେବାପାଇଁ ବେଲ୍‌ଜିୟମ୍‌ରୁ ଆସିଥିଲେ । ସେ ବର୍ଣ୍ଣନା କରୁଛନ୍ତି ଯେ, ଏହି ଜଲ୍‌ସା ସାଲାନା ହଲାଣ୍ଡରେ, ମୁଁ ପ୍ରଥମଥର ପାଇଁ ହଜୁର ଅନଓ୍ୱର ଅ:ବ:ଅଙ୍କ ପଛରେ ନମାଜ ପଢ଼ିବାର ସୁଯୋଗ ପାଇଲି ଓ ମତେ ଏଠାରେ ଦୁଆ କରିବାପାଇଁ ଅବସର ମଧ୍ୟ ମିଳିଲା । ମୋ ଆତ୍ମାକୁ ବହୁତ ଶାନ୍ତି ମିଳିଲା ।

କଙ୍ଗୋ ଦେଶ ସହିତ ସମ୍ବନ୍ଧ ରଖିଥିବା ମିସେସ୍ ଆଇସା କାବନ୍ଦା ମଲ୍‌କ ସାହିବା ଯିଏ ବର୍ତ୍ତମାନ ବେଲ୍‌ଜିୟମରେ ରହୁଛନ୍ତି । ସେ କହୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅ ଲଜ୍‌ନା ମାନଙ୍କ ପାଇଁ ଯେଉଁ ଅଭିଭାଷଣ ପ୍ରଦାନ କରିଛନ୍ତି ସେଥିରୁ ମତେ ବହୁତ କିଛି ଶିଖିବାକୁ ମିଳିଲା । ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ପଛରେ ନମାଜ ପଢ଼ିବାପାଇଁ ସୌଭାଗ୍ୟ ମଧ୍ୟ ମିଳିଲା । ହଜୁର ଅନଓ୍ୱର ଅ:ବ:ଅ ନିଜ ଅଭିଭାଷଣରେ ଯେଉଁ ଉପଦେଶ ପ୍ରଦାନ କଲେ ତାହା ଆମ ପାଇଁ ବହୁତ ଜରୁରୀ ଯେ ଆମେ ତା ଉପରେ ପରିଚାଳିତ ହେବା ।

ତୌଫିକ୍ ଯାମାଦି ସାହେବ୍‌ଙ୍କର ସମ୍ବନ୍ଧ ମଧ୍ୟ ମରାକିସ୍ ଦେଶ ସହିତ ରହିଛି । ସେ ନିଜ ଫ୍ୟାମିଲିକୁ ସାଙ୍ଗରେ ଧରି ଜଲ୍‌ସାରେ ସାମିଲ ହେବାପାଇଁ ଆସିଥିଲେ । ସେ କହୁଛନ୍ତି ଆମେ ଜଲ୍‌ସାରେ ସେଥିଯୋଗୁଁ ସାମିଲ ହୋଇଛୁ ଯେ, ଆମେ ହଜୁରଙ୍କ ଦର୍ଶନ କରିପାରିବୁ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ନେତୃତ୍ୱରେ ନମାଜ ପଢ଼ିପାରିବୁ । ଜଲ୍‌ସାରେ ଗୋଟିଏ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ ଓ ସେଥିରୁ ଆମକୁ ବହୁତ ଲାଭ ମିଳିଥାଏ । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ଗୋଟିଏ ଗୋଟିଏ ଶବ୍ଦ ଆମ ହୃଦୟ ଭିତରେ ପହଂଚୁଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଆମକୁ ପୂର୍ନବାର ଚାର୍ଜ କରିଦେଇଛି ।

ଘାନାରୁ ଆସିଥିବା ଆଉ ଜଣେ ବନ୍ଧୁ ଅବ୍‌ଦୁସ୍ ସମଦ୍ ସାହେବ୍ ଯିଏ ବେଲ୍‌ଜିୟମ୍‌ରେ ବସବାସ କରୁଛନ୍ତି । ସେ ଜଲ୍‌ସାରେ ସାମିଲ ହୋଇଥିଲେ । ସେ କହୁଛନ୍ତି ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କର ସବୁତକ ଭାଷଣ ଶୁଣିଛି ହଜୁର ଅନଓ୍ୱର ଅ:ବ:ଅ ଆମକୁ ଆମ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମଧ୍ୟ ଆମର କର୍ତ୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ତାହା ହେଉଛି ଏହା କି, ଆମ ବାହ୍ୟ ପୋଷାକଗୁଡ଼ିକର ସୌନ୍ଦର୍ଯ୍ୟଠାରୁ ଅଧିକା ଆମ ଭିତରର ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ହେବା ଉଚିତ ଓ ତାହା ନମାଜ ମାଧ୍ୟମରେ ହିଁ ସୃଷ୍ଟି ହୋଇପାରିବ । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ଗୋଟିଏ ଗୋଟିଏ ଶବ୍ଦ ମୋ ମନ ଉପରେ ବହୁତ ପ୍ରଭାବ ପକାଇଛି । ହଜୁର ଅନଓ୍ୱର ଅ:ବ:ଅ ଆମକୁ ଆମ ଦୁର୍ବଳତା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଇଲେ । ମୁଁ ନିଜକୁ ବହୁତ ବଡ଼ ସୌଭାଗ୍ୟବାନ ରୂପେ ବିବେଚନା କରୁଛି ଯେ, ଏଠାକୁ ଆସି ହଜୁର ଅନଓ୍ୱର ଅ:ବ:ଅଙ୍କ ନେତୃତ୍ୱରେ ନମାଜ ପାଠ କଲି ଓ ଏହି ଆଧ୍ୟାତ୍ମିକ ପରିବେଶରୁ ଲାଭ ଉଠାଇଲି ।

ଆଉ ଜଣେ ନୌମୁବାଇନ୍ ବନ୍ଧୁ କର୍ବୁଜ୍ ଇଦ୍‌ରିସ୍ ସାହେବ ଯିଏ ମରାକିସ୍ ଦେଶ ସହିତ ସମ୍ବନ୍ଧିତ ଓ ଏବେ ବେଲ୍‌ଜିୟମରେ ବସବାସ କରୁଛନ୍ତି ସେ ଏହି ଜଲ୍‌ସାରେ ସାମିଲ ହେବାପାଇଁ ଆସିଥିଲେ । ସେ କହୁଛନ୍ତି ଯେ, ପ୍ରଥମେ ମତେ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହେବାପାଇଁ ମୌକା ମିଳିଥିଲା ଏବଂ ଏବେ ହଲାଣ୍ଡର ଜଲ୍‌ସାରେ ସାମିଲ ହୋଇଛି । ଏହି ଜଲ୍‌ସା ଗୁଡ଼ିକରେ ସେହି ଭାଇଚାରାର ଶିକ୍ଷା ମିଳିଥାଏ ଯାହାକୁ ଇସ୍‌ଲାମ୍ ଉପସ୍ଥାପନ କରୁଅଛି । ଲୋକମାନେ ବହୁତ ଖୁସିରେ ଓ ଆନନ୍ଦରେ ଜଣେ ଅନ୍ୟ ଜଣଙ୍କ ସହିତ ସାକ୍ଷାତ କରୁଥିଲେ । ଜଲ୍‌ସାରେ ସାମିଲ ହୋଇ ଇମାନ୍‌କୁ ବହୁତ ଶକ୍ତି ମିଳିଥାଏ । ଯେବେ ମଧ୍ୟ ଖଲିଫାଙ୍କର ଦର୍ଶନ ମିଳେ । ସେତେବେଳେ ମନକୁ ଆତ୍ମସନ୍ତୋଷ ହାସଲ ହୋଇଥାଏ । ଏଠାରେ ମୁଁ ବାରମ୍ବାର ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କଲି ଏବଂ ଆତ୍ମା ଶାନ୍ତି ହେଲା । ସେଥିଯୋଗୁଁ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ।

ରଓ୍ୱାଣ୍ଡା ଦେଶ ସହିତ ସମ୍ବନ୍ଧ ରଖିଥିବା ଜଣେ ଯୁବକ ଓ୍ୱଜିଲି ସଦାମ୍ ସାହେବ୍ ବେଲ୍‌ଜିୟମ୍ ଦେଶରୁ ଆସିଥିଲେ । ସେ ବତାଇଲେ ଯେ, ଏହି ଜଲ୍‌ସାରେ ସାମିଲ ହୋଇ ମୁଁ ଖିଲାଫତ୍‌ର ବରକତ୍‌କୁ ଟାଣି ନେଇଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣଗୁଡ଼ିକ ଶୁଣିବାର ମୌକା ମତେ ମିଳିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଉପଦେଶଗୁଡ଼ିକ ଶୁଣିଲି । ଏହି ଦୃଷ୍ଟିକୋଣରୁ ମୁଁ ନିଜକୁ ବହୁତ ବଡ଼ ସୌଭାଗ୍ୟବାନ ବ୍ୟକ୍ତି ବୋଲି ଭାବୁଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ରମୟ ଅସ୍ତିତ୍ୱରୁ ବରକତ୍ ପାଇବାପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କର ଇଚ୍ଛା ହୋଇଥାଏ । ମୁଁ ମଧ୍ୟ ଜଲ୍‌ସାରେ ସାମିଲ ହୋଇ ସେହି ବରକତ୍‌ରୁ ଭାଗ ପାଇଲି ।

ୟମନ୍ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ବନ୍ଧୁ ଅବଦୁଲ୍ଲାଃ ଅଲ୍ ହମିରି ସାହେବ୍ ବେଲ୍‌ଜିୟମ୍‌ରୁ ଆସିଥିଲେ । ସେ କହିଲେ ଯେ, ସର୍ବପ୍ରଥମେ ମୁଁ ଅଲ୍ଲାଃ ତାଲାଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଯିଏ ମତେ ଏହି ଜଲ୍‌ସାରେ ସାମିଲ ହେବାପାଇଁ ଅବସର ପ୍ରଦାନ କଲେ ଏବଂ ମୁଁ ନିଜକୁ ବହୁତ ବଡ଼ ସୌଭାଗ୍ୟବାନ ବୋଲି ଜାଣୁଛି ଯେ, ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଦର୍ଶନ କରିବାର ଏବଂ ହଜୁରଙ୍କ ସାନିଧ୍ୟ ପ୍ରାପ୍ତ କରିବାର ସୌଭାଗ୍ୟ ମତେ ମିଳିଲା । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ପଛରେ ନମାଜ ମଧ୍ୟ ପାଠ କଲି । ମୋର ସମ୍ବନ୍ଧ ଆରବ ଦେଶର ଗୋଟିଏ ଦେଶ ସହିତ ରହିଛି । ମୁଁ ବହୁତ ଦୁଆ କରୁଛି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଇଚ୍ଛା ମୁତାବକ ଆରବୀୟ ଲୋକମାନଙ୍କ ନିକଟରେ ଯମାତ୍ ଅହେମଦୀୟାର ଶାନ୍ତିପ୍ରାୟ ବାର୍ତ୍ତା ପହଂଚୁ ଫଳତଃ ସେମାନେ ମଧ୍ୟ ଖିଲାଫତ୍‌ର ବୈଭବରୁ ଭାଗ ପାଇପାରିବେ । ଯେଉଁ ଶାନ୍ତି ମତେ ଯମାତ୍‌ରେ ସାମିଲ ହୋଇ ପ୍ରାପ୍ତ ହୋଇଛି ସମସ୍ତ ଆରବୀୟ ଦେଶଗୁଡ଼ିକର ଲୋକମାନେ ମଧ୍ୟ ଏହି ଶାନ୍ତିକୁ ପାଇପାରିବେ । ଆମିନ୍..

**୩୦ ସେପ୍ଟେମ୍ବର ୨୦୧୯**
**(ସୋମବାର)**

ହଜୁର ଅନଓ୍ୱର ଅ:ବ:ଅ ସକାଳ ୬:୩୦ ରେ ମସ୍‌ଜିଦ୍ ବଇତୁଲ୍ ନୂର୍‌ଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ ନିରିକ୍ଷଣ କଲେ ଓ ସେ ସବୁରେ ନୋଟ୍ ପ୍ରଦାନ କଲେ । ଏହିଭଳି ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଯମାତ୍ ଅହେମଦୀୟା ହଲାଣ୍ଡର ନ୍ୟାସନାଲ ମଜ୍‌ଲିସ୍ ଆମେଲାର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଟିଙ୍ଗ**

ପ୍ରୋଗ୍ରାମ ମୁତାବକ ସକାଳ ୧୧:୧୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ବଇତୁଲ୍ ନୂର୍‌ଠାରେ ପହଂଚିଲେ ଓ ସେଠାରେ ନ୍ୟାସନାଲ ମଜ୍‌ଲିସ୍ ଆମେଲା ଯମାତ୍ ଅହେମଦୀୟା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଟିଙ୍ଗ ଆରମ୍ଭ ହେଲା । ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜେନେରାଲ୍ ସେକ୍ରେଟାରୀ ସାହେବଙ୍କଠାରୁ ଏଠିକାର ସମସ୍ତ ଯମାତ୍ ଏବଂ ତା'ର ଲୋକ ସଂଖ୍ୟା ସମ୍ବନ୍ଧରେ ପଚାରି ବୁଝିଲେ । ଜେନେରାଲ୍ ସେକ୍ରେଟାରୀ ସାହେବ କହିଲେ ଯେ, ଏଠାରେ ଯମାତ୍‌ର ସଂଖ୍ୟା ହେଉଛି ୧୭ ଏବଂ ୧୬୧୨ ଜଣ ପଞ୍ଜିକୃତ ସଦସ୍ୟ ଅଛନ୍ତି । ଆଉ ଶହେ ପାଖାପାଖି ଏଭଳି ଲୋକେ ଅଛନ୍ତି ଯେଉଁମାନେ ଏବେ ତସ୍‌ଦିକ୍ ପାଇଁ ଅଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଜେନେରାଲ୍ ସେକ୍ରେଟାରୀ ସାହେବ ବତାଇଲେ ଯେ, ଆମର ଦୁଇ ତିନୋଟି ଯମାତ୍ ଆକ୍ଟିଭ୍ ନାହିଁ ଯେବେକି ବାକି ସବୁ ଯମାତ୍‌ଗୁଡ଼ିକ ଆକ୍ଟିଭ୍ ଅଛନ୍ତି ଓ ସେମାନଙ୍କ ନିକଟରୁ ନିୟମିତ ରିପୋର୍ଟ ମିଳୁଅଛି । ଆଡ଼ିସନାଲ୍ ଜେନେରାଲ୍ ସେକ୍ରେଟାରୀ ସାହେବ୍ ରିପୋର୍ଟ ସମ୍ବନ୍ଧିତ ପ୍ରସଙ୍ଗରେ ସବୁ ସଦର୍‌ମାନଙ୍କ ସହିତ ଯୋଗାଯୋଗ କରୁଛନ୍ତି ଓ ସେମାନଙ୍କୁ ଏଥିପ୍ରତି ମନେପକାଇ ମଧ୍ୟ ଦେଉଛନ୍ତି । ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଲେ ଯେ, ଯେଉଁ ଯମାତ୍‌ଗୁଡ଼ିକରୁ ରିପୋର୍ଟ ଆସୁନାହିଁ ସେମାନଙ୍କ ସଦର୍‌ମାନଙ୍କୁ ଧ୍ୟାନ ଆକର୍ଷଣ କରାନ୍ତୁ ।

କ୍ରମଶଃ......

---

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ୍ତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

---

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ୍ତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

## ''ଦାରୁସ୍ ସନାଅତ୍'' କାଦିଆନ୍‌ରେ Admission ନେବାକୁ ଚାହୁଁଥିବା ଛାତ୍ରମାନେ ଧ୍ୟାନ ଦିଅନ୍ତୁ ।

### Session 2020-2021

**ବୈଷୟିକ ଶିକ୍ଷା ଆହାରଣ ବ୍ୟତିତ କାଦିଆନ୍‌ରେ ନମାଜ, ଦରସ ଇତ୍ୟାଦି ଆଧାତ୍ମିକ ପରିବେଶରୁ ଲାଭ ଉଠାଇବା ପାଇଁ ଉତମ ଅବସର**

ସୟଦନା ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ୧୯୩୪ ମସିହାରେ କାଦିଆନ୍‌ର ପବିତ୍ର ବସ୍ତିରେ ଯୁବକମାନଙ୍କୁ ବୈଷୟିକ ବିଦ୍ୟା ଶିକ୍ଷା ଦେବାପାଇଁ ତଥା ସେମାନଙ୍କୁ ଉତମ ନାଗରୀକ ରୂପେ ଗଢ଼ି ତୋଳିବା ପାଇଁ ''ଦାରୁସ୍ ସନାଅତ୍'' ବିଭାଗର ମୂଳଦୁଆ ରଖିଥିଲେ । ତାହା ଦେଶ ବିଭାଜନ ହେବା ପରେ ପରିସ୍ଥିତି ଖରାପ ହେବା ଯୋଗୁଁ ବନ୍ଦ ହୋଇଗଲା । ଏବେ ଅଲ୍ଲାଃଙ୍କ ଅଶେଷ କୃପାରୁ ପୁର୍ନବାର ''ଦାରୁସ୍ ସନାଅତ୍'' ୨୩ ମାର୍ଚ୍ଚ ୨୦୧୦ ମସିହାରେ ପ୍ରୀୟ ଆକା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ମଞ୍ଜୁରୀ କ୍ରମେ ଆରମ୍ଭ ହୋଇଛି, ଯାହା ବର୍ତମାନ ନିଜାରତ୍ ତାଲିମ୍ କାଦିଆନ୍‌ର ତତ୍ୱାବଧାନରେ ପରିଚାଳିତ ହେଉଅଛି । ଏହି ବିଭାଗଟି National Small Industries Corporation Govt. of India Delhi (NSIC) ରୁ Affiliated ହୋଇଛି । ଏକ ବର୍ଷର କୋର୍ସ ସମ୍ପୂର୍ଣ୍ଣ ହେବାପରେ ବିଦ୍ୟାର୍ଥୀଙ୍କୁ ସରକାରୀ ପ୍ରମାଣପତ୍ର ଦିଆଯାଇଥାଏ । ଭାରତବର୍ଷରେ ରହୁଥିବା ଅହେମଦୀ ଯୁବକମାନଙ୍କୁ ଅନୁରୋଧ ଯେ ଏହି ଅନୁଷ୍ଠାନର ସମ୍ପୂର୍ଣ୍ଣ ଲାଭ ଉଠାନ୍ତୁ । ଦାରୁସ୍ ସନାଅତ୍ ରେ ଏବେ ନିମ୍ନଲିଖିତ Technical Courses କେବଳ ଏକ ବର୍ଷ ମଧ୍ୟରେ ଶିକ୍ଷାଦାନ କରାଯାଉଅଛି ।

| | | | |
|---|---|---|---|
| A.C/Fridge | Plumbing | Electrical | Welding |
| Computer | Carpenter | Diesel Mech. | Petrol Mech |

***ନାମଲେଖାର ସର୍ତାବଳୀ;***

(୧) ପ୍ରାର୍ଥୀ ଅତିକମ୍‌ରେ ଅଷ୍ଟମ ଶ୍ରେଣୀ ପାସ୍ କରିଥିବେ (୨) ପ୍ରବେଶିକା ଫର୍ମକୁ ସମ୍ପୂର୍ଣ୍ଣରୂପେ ପୂରଣ କରି ୩୦ ଜୁଲାଇ ୨୦୨୦ ଭିତରେ ପ୍ରିନ୍ସପାଲ୍ ଦାରୁସ୍ ସନାଅତ୍‌ଙ୍କ ନିକଟକୁ ରେଜିଷ୍ଟ୍ରି ଡ଼ାକ ଦ୍ୱାରା ବା ଇମେଲ୍ ଜରିଆରେ ପଠାଇ ଦିଅନ୍ତୁ ବା ସାଙ୍ଗରେ ନେଇ ଆସନ୍ତୁ । (୩) କାଦିଆନ୍ ବାହାରୁ ଆସୁଥିବା ଅହେମଦୀ ବିଦ୍ୟାର୍ଥୀମାନେ ଅମୀର୍ ଯମାତ୍/ସଦର୍ ଯମାତ / ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ଦ୍ୱାରା (Attested) ତସ୍‌ଦିକ୍ ଚିଠି ନିଶ୍ଚିତରୂପେ ଆଣିବେ । (୪) ହଷ୍ଟେଲ୍‌ରେ ୪୦ ଜଣ ବିଦ୍ୟାର୍ଥୀଙ୍କ ପାଇଁ ରହିବାର ବ୍ୟବସ୍ଥା ଅଛି । (୫) ସମସ୍ତ କୋର୍ସ ଏକ ବର୍ଷିଆ ଅଟେ ତେଣୁ ଯେଉଁ ଟେକ୍‌ନିକାଲ୍ କୋର୍ସରେ ନାମ ଲେଖାଇବାକୁ ଚାହିଁଛନ୍ତି, ତାହାର ଫିସ୍ ଏକକାଳୀନ ବା ଦୁଇଟି କିସ୍ତିରେ ପଇଠ କରିବା ଜରୁରୀ ହେବ (୬) ପ୍ରାର୍ଥୀଙ୍କୁ କାଦିଆନ୍ ଆସିବାପାଇଁ ଲିଖିତ ବା ଟେଲିଫୋନ୍ ଜରିଆରେ ଏତେଲା ଦେବାକୁ ହେବ । ଅନୁମତି ମିଳିବା କ୍ଷେତ୍ରରେ ୩୦ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ନିଜ ଖର୍ଚ୍ଚରେ କାଦିଆନ୍ ପହଂଚିଯିବେ । (୭) ପ୍ରାର୍ଥୀ ନାମଲେଖା ଫର୍ମ ସହିତ ନିମ୍ନଲିଖିତ ଜରୁରୀ କାଗଜପତ୍ରକୁ ସଲଗ୍ନ କରିବେ । (Personal Medical File ଯେଉଁଥିରେ Blood Group ଓ ସେଥିରେ ବିଶେଷ ପ୍ରକାରର ଆଲର୍ଜି ବା ରୋଗ ବିଷୟରେ ସୂଚନା ଥିବ । * ଯମାତି ପରିଚୟ ପତ୍ର * School Certificate ଯେଉଁଥିରେ Date of Birth ଦରଜ ଥିବ * ଆଧାର କାର୍ଡ଼, ଭୋଟର କାର୍ଡ଼ * ତିନୋଟି ଫଟୋ)

ଅଧିକ ଜାଣିବା ପାଇଁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ । ନାମଲେଖା ଫର୍ମ ଇମେଲ୍ ଜରିଆରେ ମଗାଇ ପାରିବେ ।

**(Email: darulsanaat.qadian@gmail.com)**

(ପ୍ରିନ୍ସପାଲ୍ ଦାରୁସ୍ ସନାଅତ୍, କାଦିଆନ୍)

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

## ସଦର ଅଞ୍ଜୁମନ ଅହମଦୀୟା କାଦିଆନ୍ ଅନ୍ତର୍ଗତ ନୂର ହସ୍‌ପିଟାଲ୍‌ର X-Ray ବିଭାଗ ଏବଂ ଦନ୍ତ ବିଭାଗରେ Lady Technician ର ଦୁଇଟି ପଦବୀ ପୂରଣ ହେବାର ଅଛି ।

ନିମ୍ନଲିଖିତ ସର୍ତାବଳୀ ମୁତାବକ ସେବା କରିବାକୁ ଇଚ୍ଛୁକ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି କି:

**ସର୍ତାବଳୀ: Lady Technician for X-Ray Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Radiology Technology କରିଥିବେ ଏବଂ Digital Technology and Competency in ECG Technology ରେ ଅତିକମ୍‌ରେ ତିନିବର୍ଷର ଅଭିଜ୍ଞତା ହାସଲ କରିଥିବେ । (୨) ପ୍ରାର୍ଥୀ Good Communication Skill ରେ ନିପୁଣ ହେବା ଜରୁରୀ ।

**ସର୍ତାବଳୀ: Post for Lady Technician for Dental Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Dentistry କରିଥିବେ ଓ ଏଥିରେ ଅତିକମ୍‌ରେ ତାଙ୍କର ତିନିବର୍ଷର ଅଭିଜ୍ଞତା ଥିବ । (୨) ପ୍ରାର୍ଥୀ Good Communication ରେ ନିପୁଣ ହେବା ଜରୁରୀ ।

**ଉପରୋକ୍ତ ପଦବୀ ପାଇଁ ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ବୟସ ୨୨-୩୭ ବର୍ଷ ମଧ୍ୟରେ ହୋଇଥିବା ଉଚିତ । (୨) ସେହି ପ୍ରାର୍ଥୀଙ୍କୁ Interview ପାଇଁ ଆମନ୍ତ୍ରଣ କରାଯିବ ଯିଏ ମର୍କଜି କମିଟି ଫର୍ ରିକ୍ରୁଟ୍‌ମେଂଟଙ୍କ ତରଫରୁ କରାଯାଇଥିବା ପରୀକ୍ଷାରେ ଉତୀର୍ଣ୍ଣ ହେବେ । (୩) ଲିଖିତ ପରୀକ୍ଷା ଏବଂ Interview ରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିଆନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ୍ୟ ଉପସ୍ଥାପନ କରିବାକୁ ହେବ । (୪) Interview ରେ ଯୋଗଦେବା ପାଇଁ ଆସିଥିବା ପ୍ରାର୍ଥୀ କାଦିଆନ୍ ଯାତାୟାତ କରିବାର ଖର୍ଚ୍ଚ ଓ ଡ଼ାକ୍ତରି ଫିସ୍ ଇତ୍ୟାଦି ଖର୍ଚ୍ଚ ନିଜେ ବହନ କରିବେ । (୫) ଚୟନ ହେବା କ୍ଷେତ୍ରରେ କାଦିଆନ୍‌ରେ ରହିବାର ଦାୟିତ୍ୱ ପ୍ରାର୍ଥୀଙ୍କର ନିଜସ୍ୱ ହେବ (୬) ପ୍ରାର୍ଥୀଙ୍କ ପାଇଁ ନିଜାରତ୍ ଦିୱାନ୍‌ଙ୍କ ତରଫରୁ ଜାରି କରାଯାଇଥିବା ଫର୍ମ ସହିତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, Experience Certificate, Birth Certificate, Aadhar Card, Voter ID Card ଏବଂ ଯମାତି ରେଜିଷ୍ଟ୍ରେସନ କାର୍ଡ଼ର Attested ନକଲ ଲଗାଇବା ଜରୁରୀ ଅଟେ । (୭) ସାପ୍ତାହିକ ଖବର କାଗଜ ବଦରରେ ଘୋଷଣା ହେବାର ଦୁଇମାସ ପରେ ପରୀକ୍ଷାର ତାରିଖ ବିଷୟରେ ସୂଚନା ଦିଆଯିବ (୮) ଇଚ୍ଛୁକ ପ୍ରାର୍ଥୀ ନିଜ ନିଜର ଦରଖାସ୍ତ ପ୍ରକାଶିତ ଫର୍ମରେ ନିଜ ଜିଲ୍ଲା ଅମୀର / ସ୍ଥାନୀୟ ଅମୀର / ସଦର / ସଦର୍ ଲଜ୍‌ନା / ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ତସ୍‌ଦିକ୍ ଦସ୍ତଖତକୁ ମୋହର ସହିତ ପ୍ରେରଣ କରିପାରିବେ (୯) ପ୍ରାର୍ଥୀ Interview ଦେବାକୁ ଆସିବା ବେଳେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ନିଶ୍ଚିତ ଆଣିବେ (୧୦) ପ୍ରାର୍ଥୀ ୱକ୍‌ଫେ ନୌ ହୋଇଥିବା କ୍ଷେତ୍ରରେ ସଦର୍ ଅଞ୍ଜୁମନ୍ ଅହମଦିୟାର ଯେ କୌଣସି ପଦବୀରେ ଆବେଦନ କରିବା ପୂର୍ବରୁ ସୟଦନା ହଜୁର ଅନଓ୍ୱରଙ୍କଠାରୁ ହାସଲ କରାଯାଇଥିବା ଅନୁମତି ପତ୍ରର ନକଲ ସାମିଲ କରିବା ଜରୁରୀ (୧୧) ଉପରୋକ୍ତ ପଦବୀ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାରବାର ହେବ ।

## ସଦର ଅଞ୍ଜୁମନ ଅହମଦୀୟା, ଅଞ୍ଜୁମନ ତହରୀକ୍-ଏ-ଜଦିଦ୍, ଅଞ୍ଜୁମନ ୱକ୍‌ଫ-ଏ-ଜଦିଦ୍ କାଦିଆନ୍‌ର କାର୍ଯ୍ୟାଳୟଗୁଡ଼ିକରେ ମାଳି, କେୟାର ଟେକର, ଚୌକିଦାର, ବାବର୍ଚି, ନାନ୍‌ବାଇ ଏବଂ ଖାଦିମ୍ ମସ୍‌ଜିଦ୍ ନିମନ୍ତେ ଚତୁର୍ଥ ଶ୍ରେଣୀ କର୍ମଚାରୀର ପ୍ରାର୍ଥୀ ଆବଶ୍ୟକ

ଯେଉଁ ପ୍ରାର୍ଥମାନେ ଖିଦ୍‌ମତ୍ (ସେବା) କରିବାକୁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ । ପ୍ରାର୍ଥୀମାନଙ୍କୁ ଉପରୋକ୍ତ ଯେ କୌଣସି Catagory ରେ କାଦିଆନ୍ ବା କାଦିଆନ୍ ବାହାରେ କେଉଁଠି ମଧ୍ୟ ମୁତୟନ କରାଯାଇପାରେ ।

**ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତନାହିଁ (୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଜରୁରୀ (୩) ଜନ୍ମ ପ୍ରମାଣପତ୍ର ଦେବା ଜରୁରୀ (୪) ସେହି ପ୍ରାର୍ଥୀମାନେ ସେବା କରିବାକୁ ସୁଯୋଗ ପାଇବେ ଯେଉଁମାନେ ମର୍କଜି କମିଟିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା କର୍ମଚାରୀ ନିଯୁକ୍ତି Interviewରେ ଉତୀର୍ଣ୍ଣ ହେବେ । (୫) ସେହି ପ୍ରାର୍ଥୀମାନଙ୍କୁ ସେବା କରିବା ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ (୬) ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୭) ଯଦି କୌଣସି ପ୍ରାର୍ଥୀଙ୍କର ଚୟନ ହୁଏ ଏହି ପରିପ୍ରେକ୍ଷିରେ ତାଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ (୮) ଇଚ୍ଛୁକ ପ୍ରାର୍ଥୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ଙ୍କ ନିକଟରୁ ହାସଲ କରିପାରିବେ ।

ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ ।

**(ନାଜର ଦିୱାନ୍ କାଦିଆନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:**

ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ୍ ଅହମଦୀୟା କାଦିଆନ୍

**E-mail: diwan@qadian.in**

**Ph: 01872-501130, (M) 9646351280, 9877138347**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 20 August 2020 Issue No. 34

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୮ ସେପ୍ଟେମ୍ବର ୨୦୧୯ (ଶନିବାର) ରିପୋର୍ଟର ବଳକାଅଂଶ**

ହଜୁର ଅନଓ୍ୱର ଅ:ବ:ଅ କହିଲେ: ବିରୋଧିମାନଙ୍କର ବିରୋଧ ଦ୍ୱାରା ଚାରିଆଡେ ବୟତ ହେଉଥିବାର ଦୃଷ୍ଟିଗୋଚର ହେଉଅଛି ଆଉ ଗୋଟିଏ ଘଟଣା ରହିଛି । ମାଲି ଦେଶର କୋଲିକୋରୋ ରିଜିୟନ୍‌ର ଗୋଟିଏ ଗ୍ରାମରେ ଅବ୍‌ଦୁସ୍ ସଲାମ୍ ସାହେବ ରହୁଛନ୍ତି । ସେ ବତାଉଛନ୍ତି ଯେ ତାଙ୍କୁ ସର୍ବ ପ୍ରଥମେ ରେଡ଼ିଓ ମାଧ୍ୟମରେ ଯମାତ୍‌ର ପରିଚୟ ମିଳିଲା । ସେ ସମୟରେ ସେ ଜଣେ ଅହେମଦୀଙ୍କ ଘରେ ବସିଥିଲେ । ତା'ପରେ ସେ ନିଜର ଏକ ନିଜସ୍ୱ ରେଡ଼ିଓ କିଣିଲେ ଏବଂ ସେବେଠାରୁ ନେଇ ଆଜି ପର୍ଯ୍ୟନ୍ତ ସେ ଯମାତ୍‌ର ରେଡ଼ିଓ ବ୍ୟତିତ ଆଉ କୌଣସି ରେଡ଼ିଓ ଚ୍ୟାନେଲ୍ ଶୁଣିନାହାନ୍ତି । ସେ କହିଲେ ମୁଁ ରେଡ଼ିଓର ସମସ୍ତ ପ୍ରୋଗ୍ରାମକୁ ବହୁତ ଧ୍ୟାନ ନେଇ ଶୁଣୁଅଛି ଓ ନିଜ ଘରର ଲୋକମାନଙ୍କୁ ଶୁଣାଉଛି । ଅଲ୍ଲାହଙ୍କ କୃପାରୁ ତାଙ୍କ ଗ୍ରାମରେ ଯମାତ୍ ବହୁତ ସୁଦୃଢ଼ ହୋଇସାରିଛି । ଗତବର୍ଷ ଗ୍ରାମର ଇମାମ୍ ଅନ୍ୟ ମୌଲବୀମାନଙ୍କ କଥାରେ ପଡ଼ି ବିରୋଧ କରିବା ଆରମ୍ଭ କରିଦେଲେ ଏବଂ ଅହେମଦୀମାନଙ୍କୁ ମସ୍‌ଜିଦ୍ ଆସିବାକୁ ରୋକିଲା । ଏହା ଦେଖି ଗାଁର ଜଣେ ଅହେମଦୀ, ଯାହାଙ୍କର ଏହି ଇଲାକାରେ ଖଣ୍ଡେ ପ୍ଲଟ୍ ଥିଲା, ସେ ତତ୍‌କ୍ଷଣାତ୍ ଯମାତ୍ ନାଁରେ ଉକ୍ତ ପ୍ଲଟଟିକୁ ରେଜେଷ୍ଟ୍ରି କରିଦେଲେ । ସେହି ପ୍ଲଟ୍‌ରେ ଯମାତ୍‌ର ଲୋକମାନେ ଆପୋଷରେ ସହଯୋଗ କରି ଚାରିକାନ୍ଥ ଉଠାଇଦେଲେ ଓ ତା'ର ଖୋଲା ପ୍ରାଙ୍ଗଣରେ ନମାଜ ପଢ଼ିବା ଆରମ୍ଭ କରିଦେଲେ । ଏହି ଘଟଣାଟି ଘଟିବାପରେ ଗାଁର ଚିଫ୍ ଓ ଇଲାକାର ମେୟର ଏବଂ ତାଙ୍କ ସହଯୋଗୀ ଏବଂ କିଛି ପରିବାରର ସଦସ୍ୟମାନେ, ଏହିପରି ୨୧୦ ଜଣ ସଦସ୍ୟ ଅହେମଦୀୟତ୍ ଗ୍ରହଣ କରିନେଲେ । ମୌଲବୀମାନେ ତ ସେଠାକୁ ବିରୋଧ କରିବାପାଇଁ ଆସିଥିଲେ କିନ୍ତୁ ଈଶ୍ୱରଙ୍କର ଏପରି କୃପା ହେଲା ଯେ ସେହି ଇଲାକାର ଚିଫ୍ ଏବଂ ମେୟର ମଧ୍ୟ ଅହେମଦୀୟତ୍ ଗ୍ରହଣ କରିନେଲେ । ସେଠାରେ ଏ ବର୍ଷ ଯମାତ୍ ସେହି ସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରୁଅଛି । ଯେଉଁ ମୌଲବୀ ବିରୋଧ କରୁଥିଲା, ତାଙ୍କ ପଛରେ ଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ଅଲ୍ଲାହଙ୍କ କୃପାରୁ ଯମାତ୍‌ରେ ସାମିଲ ହୋଇସାରିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପୁଣି ଲାଇବେରିଆର ମୁବଲ୍ଲିଗ୍ ଲେଖୁଛନ୍ତି ଯେ ତବ୍‌ଲିଗ୍ ଦୌରା (ଗସ୍ତ)ରେ କେପ୍‌ମାଉଂଟ କାଉଁଟିଂରେ ଗୋଟିଏ ଗ୍ରାମ ହେଉଛି Makandor ସେଠାରେ ପହଂଚିଲୁ । ତବ୍‌ଲିଗି ପ୍ରୋଗ୍ରାମ ଅନୁଷ୍ଠିତ ହେଲା ଯେଉଁଥିରେ ସେମାନଙ୍କୁ ଯମାତ୍ ଅହେମଦୀୟାର ପରିଚୟ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଉଦ୍ଦେଶ୍ୟ ବିଷୟରେ ବତାଗଲା ଓ ସେମାନଙ୍କ ସମସ୍ତ ପ୍ରଶ୍ନର ଉତର ଦିଆଗଲା । ପ୍ରୋଗ୍ରାମର ଶେଷରେ ଗ୍ରାମର ଇମାମ୍ ଫଓ୍ୱାନ୍ କମାର୍ ସାହବ୍ ବତାଇଲେ ଯେ କିଛି ଦିନ ପୂର୍ବେ ଏଠାକୁ ଶିହା ସମ୍ପ୍ରଦାୟର ଲୋକମାନେ ଆସିଥିଲେ । ସେମାନେ ଅହେମଦୀୟତ୍ ବିରୋଧରେ ମିଥ୍ୟା ପ୍ରପୋଗଣ୍ଡା ଚଳାଇଲେ ଓ କହିଲେ ଯେ ଏହି ଲୋକମାନେ ହଜ୍‌ରତ୍ ଇମାମ୍ ହସନ୍ ଓ ଇମାମ୍ ହୁସେନ୍‌ଙ୍କୁ ଶହୀଦ କରିଥିଲେ । ଗାଁର ଲୋକମାନେ ଯେହେତୁ ଅଶିକ୍ଷିତ ସେଥିଯୋଗୁଁ ମୁଲ୍ଲାମାନେ ସେହି ନିରିହ ଗ୍ରାମବାସୀମାନଙ୍କୁ ଭୂଲ ମାର୍ଗରେ ଭଟକାଇ ଦେଇଛନ୍ତି ଯେ ଅହେମଦୀମାନେ ନଉଜୁବିଲ୍ଲାହ ଇମାମ୍ ହସନ୍ ଓ ଇମାମ୍ ହୁସୈନ୍‌ଙ୍କୁ ଶହୀଦ କରିଥିଲେ । ଏହିରପି ସେମାନେ ଅହେମଦୀମାନଙ୍କ ବିରୋଧରେ ଭ୍ରାନ୍ତ ଧାରଣା ସୃଷ୍ଟି କଲେ ଓ ଅହେମଦୀମାନଙ୍କୁ ବିରୋଧ କରିଲେ । କିନ୍ତୁ ଆଜି ଆପଣମାନେ ଯମାତ୍ ଅହେମଦୀୟାର ପରିଚୟ ଦେଇଛନ୍ତି । ଆମେ ଏହା ଶୁଣି ବହୁତ ଦୁଃଖ ଅନୁଭବ କରୁଅଛୁ ଯେ ଆମେ ସେମାନଙ୍କ କଥା ଶୁଣିଲୁ ଓ ନିଜକୁ ଯମାତ୍‌ଠାରୁ ଦୂରରେ ରଖିଲୁ । କିନ୍ତୁ ଆଜି ଆମେ ଯମାତ୍ ଅହେମଦୀୟାରେ ସାମିଲ ହେବାର ଘୋଷଣା କରୁଅଛୁ । ଅଲ୍ଲାହଙ୍କ କୃପାରୁ ଗ୍ରାମର ସମସ୍ତ ଲୋକେ, ୧୯୫ ଜଣ ସଦସ୍ୟ ବିଶିଷ୍ଟ ସଦସ୍ୟ ସମସ୍ତେ ବୟତ କରିନେଲେ ଓ ଯମାତ୍‌ରେ ସାମିଲ ହୋଇଗଲେ । ଦେଖନ୍ତୁ ମୌଲବୀମାନଙ୍କ ପ୍ରପୋଗଣ୍ଡା ଦ୍ୱାରା ମଧ୍ୟ ଫଳ ମିଳିଥାଏ । ଅଲ୍ଲାହ ତାଲା ସେମାନଙ୍କର ଦୁଷ୍ଟ ଯୋଜନାକୁ ପଣ୍ଡ କରିଦେଇଛନ୍ତି । ତେଣୁ ଅଲ୍ଲାହ ତାଲା ହିଁ ସେହି ଜ୍ୟୋତିକୁ ପ୍ରଚାର ପ୍ରସାର କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅତଏବ୍ ଆମେ ଖୋଲା ହୃଦୟରେ ବିଶ୍ୱାସ ରଖିଛୁ ଯେ ଏହି ସମ୍ପ୍ରଦାୟ ଅଲ୍ଲାହଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ଏହି ଜ୍ୟୋତିକୁ ପ୍ରସାର କରିବାର ଦାୟିତ୍ୱ ଅଲ୍ଲାହ ତାଲା ସ୍ୱୟଂ ନିର୍ବାହ କରୁଛନ୍ତି । ବିରୋଧିମାନେ ଯେତେ ଚାହିଁଲେ ମଧ୍ୟ ଅଲ୍ଲାହ ତାଲା ଏହାର ପ୍ରଚାର ପ୍ରସାର କରୁଛନ୍ତି । ଏବେ ଏହାକୁ କେହି ମଧ୍ୟ ରୋକିପାରିବ ନାହିଁ । ଏହି ସମ୍ପ୍ରଦାୟ ଏବଂ ଉନ୍ନତି ଓ ବିକାଶ ହୋଇଚାଲିବ । ଇନ୍‌ଶାଅଲ୍ଲାହ । ଏହା ଈଶ୍ୱରଙ୍କର ଅଟଳ ନିଷ୍ପତି, ଯାହା ପୂରଣ ହୋଇ ରହିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏହା ଅଲ୍ଲାହଙ୍କର ଅନୁଗ୍ରହ ଯେ ସେ ଆମକୁ ମସିହ ମଉଦଙ୍କୁ ମାନିବାପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ଅଲ୍ଲାହଙ୍କ କୃପାକୁ ଲାଭ କରିବା ପାଇଁ ଆମର ଏ କର୍ତବ୍ୟ ଯେ ଯେଉଁଠି ଆମେ ନିଜର ଅବସ୍ଥାକୁ ସୁଧାରିବା ପାଇଁ ଧ୍ୟାନ ଦେବା ସେଠାରେ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ବାର୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାଇବା ପାଇଁ ଚେଷ୍ଟା କରିବା । ଯଦିଚ ଈଶ୍ୱର ସ୍ୱୟଂ ଏହି ବାର୍ତାକୁ ପୃଥିବୀରେ ପ୍ରଚାର କରିବେ କିନ୍ତୁ ତାହାର ଆର୍ଶୀବାଦ ସ୍ୱରୁପ ଆମେ ସେଥିରେ ଭାଗୀଦାରି ହେବାପାଇଁ ଚେଷ୍ଟା କରିବା । ଏହା ସେତେବେଳେ ସମ୍ଭବ ହେବ ଯେବେ ଆମେ ତବ୍‌ଲିଗ୍ କାର୍ଯ୍ୟ ପ୍ରତି ଧ୍ୟାନ ଦେବା । ଏହା ଦ୍ୱାରା ଯେଉଁଠି ଆମେ ଆମର ଇହକାଳ ଓ ପରକାଳକୁ ସୁଧାରି ପାରିବା ସେଠି ପୃଥିବୀବାସୀଙ୍କୁ ମଧ୍ୟ ସଠିକ୍ ମାର୍ଗଦର୍ଶନ କରାଇପାରିବା ଓ ଅଲ୍ଲାହଙ୍କ କୃପାର ଅଧିକାରୀ ହୋଇପାରିବା । ଅଲ୍ଲାହ ତାଲା ଆମ ସମସ୍ତଙ୍କୁ ଏହାରୀ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏବେ ଦୁଆ କରିନିଅନ୍ତୁ ।

ଦୁଆ କରିବା ପରେ ହଜୁର ଅନଓ୍ୱର ଅ:ବ:ଅ ଜଲ୍‌ସାରେ ଯୋଗଦେଇଥିବା ଲୋକମାନଙ୍କର ଉପସ୍ଥାନ, ବିଷୟରେ କହିଲେ: ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହ । ରିପୋର୍ଟ ମୁତାବକ ହଲାଣ୍ଡ ଯମାତ୍‌ର ମୋଟ ସଦସ୍ୟମାନଙ୍କର ସଂଖ୍ୟା ହେଉଛି ୧୫୭୬ । ସେଥିରେ ୭୯୫ ଜଣ ହେଉଛନ୍ତି ପୁରୁଷ ଓ ୭୮୧ ମହିଳା । ମୋଟ ଉପସ୍ଥାନ ହେଉଛି ୫୮୩୯ । ସେଥିରେ ୩୪୯୫ ଜଣ ପୁରୁଷ ଓ ୨୩୪୪ ଜଣ ମହିଳା ଅଛନ୍ତି । ଅଣଯମାତିୟ ଅତିଥିମାନଙ୍କର ସଂଖ୍ୟା ହେଉଛି ୧୩୨ । ଅଲ୍ଲାହଙ୍କ କୃପାରୁ ରିପୋର୍ଟ ମୁତାବକ ୧୭ ଟି ଦେଶରୁ ଆସି ଲୋକମାନେ ଏ ଜଲ୍‌ସାରେ ସାମିଲ ହୋଇଛନ୍ତି । ଏହି ଜଲ୍‌ସାରେ ଯୋଗ ଦେଇଥିବା ଲୋକମାନଙ୍କର ଅଧାଧିକ ଲୋକେ ବାହାର ଦେଶରୁ ଆସିଛନ୍ତି । ସେମାନଙ୍କ ଯୋଗୁଁ ଏହି ଜଲ୍‌ସା ବହୁତ ଭବ୍ୟ ହୋଇଗଲା । -ଜଜାକଲ୍ଲାହ- ଅସ୍‌ସଲାମୁ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବରକାତୁହୁ ।

ଏହାପରେ ପ୍ରୋଗ୍ରାମ ମୁତାବକ ଅତ୍‌ଫାଲୁଲ୍ ଅହେମଦୀୟା ହଲାଣ୍ଡ ଏବଂ ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ ଜଣ ଜଣ ହୋଇ ଉର୍ଦ୍ଦୁ ଭାଷାରେ ତରାନ ପରିବେଷଣ କଲେ । ତା'ପରେ ବଙ୍ଗାଳି ସଦସ୍ୟମାନେ ବଙ୍ଗଳା ଭାଷାରେ ଗୋଟିଏ ନଜମ୍ ଉପସ୍ଥାପନ କଲେ । ଶେଷରେ ଆଫ୍ରିକୀୟ ସଦସ୍ୟମାନଙ୍କର ଗୋଟିଏ ଦଳ ନିଜର ସ୍ୱତନ୍ତ୍ର ଶୈଳୀରେ କଲ୍‌ମା ତୟବାହ ପାଠ କଲେ ଏବଂ ବହୁତ ଉତ୍ସାହିତ ଢ଼ଙ୍ଗରେ **ନାରାହାଏ ତକ୍‌ବୀର୍** ଉଚ୍ଚ ସ୍ୱରରେ ପଢ଼ିଲେ । ତା'ପରେ ଠିକ୍ ୪:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁଚ ଚାଲିଗଲେ ।

**(ବହଓ୍ୱାଲା ଅଖ୍‌ବାର୍ ବଦର୍ ୩୧ ଅକ୍ଟୋବର ୭ ନଭେମ୍ବର ୨୦୧୯)**

ହଜୁର ଅନଓ୍ୱର ଅ:ବ:ଅ: ପୁଣି ଲାଇବେରିଆର ମୁବଲ୍ଲିଗ୍ ସାହେବ୍ ଲେଖୁଛନ୍ତି ଯେ ତବ୍‌ଲିଗି ଦୌରା (ଗସ୍ତ) ସମୟରେ କେପ୍ ମାଉଂଟ କାଉଂଟିର ଏକ ଗାଁ Makandor ଠାରେ ଆମେ ପହଂଚିଲୁ ଓ ସେଠାରେ ତବ୍‌ଲିଗି କାର୍ଯ୍ୟ ସମ୍ପାଦନ କଲୁ । ଆମେ ଯମାତ୍ ଅହେମଦିୟାର ପରିଚୟ ପ୍ରଦାନ କଲୁ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପରିଚୟ ଓ ଆବିର୍ଭାବ ହେବା ଉଦ୍ଦେଶ୍ୟ ବିଷୟରେ ବତାଇଲୁ । ସବୁ ପ୍ରଶ୍ନର ଉତର ଦିଆଗଲା । ପ୍ରୋଗ୍ରାମର ଶେଷରେ ଗାଁର ଇମାମ୍ ଫଓ୍ୱାଦ୍ କମାରା ସାହେବ୍, ବତାଇଲେ ଯେ କିଛିଦିନ ପୂର୍ବେ ଏଠାକୁ ଶିହା ସମ୍ପ୍ରଦାୟର ଲୋକମାନେ ଆସିଥିଲେ ଓ ସେମାନେ ଅହେମଦିୟତ୍ ବିରୁଦ୍ଧରେ ମିଥ୍ୟା ପ୍ରପୋଗଣ୍ଡା କଲେ ଯେ ଇମାମ୍ ହୁସୈନ୍‌ଙ୍କ ଶହୀଦ କରିଥିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଗାଁର ଲୋକମାନେ ଯେହେତୁ ଅଶିକ୍ଷିତ ହୋଇଥାନ୍ତି ତେଣୁ ଏହି ଭଳି ମୌଲବୀମାନେ ଗାଁର ସାଧାସିଧା ଲୋକମାନଙ୍କୁ ଭୁଲ ମାର୍ଗରେ ପଥଭ୍ରଷ୍ଟ କରିଥାନ୍ତି ଯେ ଅହେମଦୀମାନେ ନୌଜୁବିଲ୍ଲାହ ଇମାମ୍ ହସନ୍ ଏବଂ ଇମାମ୍ ହୁସୈନ୍‌ଙ୍କୁ ଶହୀଦ କରିଥିଲେ । ପୁଣି ଇମାମ୍ ସାହେବ କହିଲେ ଯେ ଏହିଭଳି ସେହି ଶିହାମାନେ ଆମକୁ ଅହେମଦିୟତର ବିରୋଧି ବନାଇ ଦେଇଛନ୍ତି । କିନ୍ତୁ ଆଜି ଆପଣମାନେ ଯମାତ୍ ଅହେମଦୀୟାର ଯେଉଁ ପରିଚୟ ପ୍ରଦାନ କରିଛନ୍ତି, ତାହା ଶୁଣି ଆମେ ଅବସୋସ କରୁଛୁ ଯେ ଆମେ କାହିଁକି ସେମାନଙ୍କ କଥା ଶୁଣିଲୁ ଓ ନିଜକୁ ଯମାତ୍‌ଠାରୁ ଦୁରେଇ ରଖିଲୁ ? କିନ୍ତୁ ଆଜି ଆମେମାନେ ଯମାତ୍ ଅହେମଦୀୟା ସହିତ ଯୋଡ଼ି ହୋଇଯିବାର ଘୋଷଣା କରୁଅଛୁ । ଅଲ୍ଲାହଙ୍କ କୃପାରୁ ଗାଁର ସମସ୍ତ ସଦସ୍ୟ ୧୯୫ ଜଣ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan